ଓଡ଼ିଶା ସରକାର

ଓଡ଼ିଶା ବିଧାନସଭାରେ

# ୨୦୧୧-୨୦୧୨ ବର୍ଷର

ବଜେଟ ଉପସ୍ଥାପନ ଅବସରରେ

ଅର୍ଥ ମନ୍ତ୍ରୀ

# ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ

ଅଭିଭାଷଣ

ତା୧୮ଫେବୃଆରୀ,୨୦୧୧

ମାନ୍ୟବର ବାଚସ୍ପତି ମହୋଦୟ !

ଏହି ପବିତ୍ର ଗୃହରେ 2011-12 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥିବାରୁ ମୁଁ ସର୍ବପ୍ରଥମେ ଆପଣଙ୍କୁ ଏବଂ ଗୃହର ନେତା ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଏହି ଅବସରରେ ବିଗତ ବର୍ଷମାନଙ୍କରେ ମାନ୍ୟବର ବିରୋଧୀ ଦଳ ନେତା ତଥା ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟାଙ୍କ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ମୋ ପ୍ରତି ଏହି ଶ୍ରଦ୍ଧା ଓ ସଦିଚ୍ଛା ଅତୁଟ ରହିବ ବୋଲି ଆଶା କରୁଛି ।

## 2. **ଅର୍ଥନୀତିର ସ୍ଥୁଳ ଦୃଶ୍ୟପଟ୍ଟ** (Macro Economic Overview)

2.1. ସାଧାରଣତଃ ବଜେଟ ପ୍ରସ୍ତୁତି ବେଳେ ରାଜ୍ୟ ତଥା ଦେଶର ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଆୟ ଓ ବ୍ୟୟର ଅଟକଳ ପ୍ରସ୍ତୁତ ହୋଇଥାଏ । ଦଶମ ପଞ୍ଚବାର୍ଷିକ ଯୋଜନାରେ ଭାରତର ଅଭିବୃଦ୍ଧି ହାର 7.୫ ପ୍ରତିଶତ ଥିବାବେଳେ ଓଡିଶାର ଅଭିବୃଦ୍ଧି ହାର ୨.5 ପ୍ରତିଶତ ଥିଲା । ସେହିପରି ଏକାଦଶ ପଞ୍ଚବାର୍ଷିକ ଯୋଜନାର ପ୍ରଥମ 3 ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିହାର 7.63 ପ୍ରତିଶତ ଥିବାବେଳେ ଏହି ସମୟ ମଧ୍ୟରେ ଓଡିଶାର ହାରାହାରି ଅଭିବୃଦ୍ଧିହାର ୫.73 ପ୍ରତିଶତ ଥିଲା ।

2.2 ରାଜ୍ୟର ଆର୍ଥିକ ପରିସ୍ଥିତି ରାଜସ୍ୱ ନିଅଣ୍ଟ, ବିତ୍ତୀୟ ନିଅଣ୍ଟ ଓ ପ୍ରାଥମିକ ନିଅଣ୍ଟ ଆଦି ମୁଖ୍ୟ ଆର୍ଥିକ ସୂଚକାଙ୍କ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ । ଚଳିତ ଦଶନ୍ଧିର ଆରମ୍ଭରେ ଆୟ ତୁଳନାରେ ବ୍ୟୟ ଅଧିକା ହେଉଥିବାରୁ ଆମ ରାଜ୍ୟରେ ନିରବଚ୍ଛିନ୍ନ ଭାବେ ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ

ନିଅଣ୍ଟ ଲାଗି ରହୁଥିଲା । 1984-85 ଆର୍ଥିକ ବର୍ଷଠାରୁ 2005-06 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆମକୁ କ୍ରମାଗତ ଭାବେ ଅଧିକ ଋଣ ଓ ତଦ୍‌ଜନିତ ସୁଧ ପରିଶୋଧ କରିବାକୁ ପଡୁଥିଲା । ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଅନ୍ତର୍ଗତ ଅନେକ ବ୍ୟୟ ସଂଗତି କରଣ ଓ ରାଜସ୍ୱ ବୃଦ୍ଧି ପଦକ୍ଷେପ ନେଇଥିଲେ । ଯାହା ଫଳରେ 2005-06 ଆର୍ଥିକ ବର୍ଷ ଶେଷରେ ଦୀର୍ଘ 22 ବର୍ଷ ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଆମ ରାଜ୍ୟ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହେଲା । କେବଳ ସେତିକି ନୁହେଁ ପରବର୍ତ୍ତୀ ବର୍ଷମାନଙ୍କରେ ମଧ୍ୟ ଏହି ରାଜସ୍ୱ ବଳକା ଦୃଶ୍ୟପଟ୍ଟ ଜାରି ରହିଛି ।

2.3 ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଅଭିବୃଦ୍ଧି ସଫଳତାର ଏକ ମାପକାଠି ରୂପେ ବିବେଚିତ । ଖୁସିର ବିଷୟ ବିଗତ କିଛି ବର୍ଷ ହେଲା ଆର୍ଥିକ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ହେବା ଦ୍ୱାରା ଆମର ପୁଞ୍ଜି ଖର୍ଚ୍ଚ ମଧ୍ୟ ଆଶାନୁରୂପେ ବୃଦ୍ଧି ପାଇଛି । 1999-2000 ଆର୍ଥିକ ବର୍ଷରେ ପୁଞ୍ଜି ଖର୍ଚ୍ଚ ମାତ୍ର 799.00 କୋଟି ଟଙ୍କା ଥିବାବେଳେ 2009-10 ଆର୍ଥିକ ବର୍ଷ ବେଳକୁ ଏହା 3647.88 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି 2010-11 ସଂଶୋଧିତ ଅଟକଳ ଓ 2011-12 ବଜେଟ ଅଟକଳ ଅନୁସାରେ ଏହି ବ୍ୟୟ ଯଥାକ୍ରମେ 4437.67 କୋଟି ଏବଂ 5662.37 କୋଟି ଟଙ୍କା ରଖାଯାଇଛି । ଏହା ଆମ ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନର ଯଥାକ୍ରମେ 2.25 ଓ 2.64 ପ୍ରତିଶତ ଅଟେ ।

2.4 ରାଜ୍ୟରେ ଆର୍ଥିକ ଅବସ୍ଥାରେ କ୍ରମାଗତ ଉନ୍ନତି ଫଳରେ ରାଜ୍ୟର ଯୋଜନା କଳେବର ଏବଂ ଯୋଜନା ଖର୍ଚ୍ଚରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇ ପାରିଛି । 2005-06 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳ

3000 କୋଟି ଟଙ୍କା ଥିବାବେଳେ 2010-11 ଆର୍ଥିକ ବର୍ଷରେ ଏହା 11000 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ସେହିପରି ଯୋଜନା କମିଶନଙ୍କ ସହ ଆଲୋଚନା ପରେ 2011-12 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ଅଟକଳରେ ରାଜ୍ୟ ସରକାର ପାଇଁ 13000 କୋଟି ଟଙ୍କା ଓ ସାଧାରଣ ଉଦ୍ୟୋଗ ପାଇଁ 2000 କୋଟି ଟଙ୍କା ଏହିପରି ମୋଟ 15000 କୋଟି ଟଙ୍କା ସ୍ଥିରୀକୃତ ହୋଇଅଛି । ଅପରପକ୍ଷେ 2005-06 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଖର୍ଚ୍ଚ ୨୮୧୪.୪୪ କୋଟି ଟଙ୍କା ଥିବାବେଳେ 2009-10 ଆର୍ଥିକ ବର୍ଷବେଳକୁ ଏହା 7727.74 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

2.5 ରାଜ୍ୟ ଅର୍ଥନୀତିର ଏକ ବଡ଼ ସଫଳତା ହେଉଛି ଋଣ ଉପରେ ଆମର ନିର୍ଭରଶୀଳତା ହ୍ରାସ । ରାଜ୍ୟ ସରକାର ଗଲା କେଇ ବର୍ଷରେ ଋଣ ପ୍ରତିବଦଳ ଯୋଜନା ମାଧ୍ୟମରେ ଉଚ୍ଚ ସୁଧହାର ଯୁକ୍ତ ଋଣକୁ ସ୍ୱଳ୍ପ ସୁଧହାରଯୁକ୍ତ ଋଣ ଦ୍ୱାରା ଆଗୁଆ ପୈଠ କରିବା ସହିତ ରାଜସ୍ୱ ଆଦାୟ ବୃଦ୍ଧି ଓ ଅନେକ ବ୍ୟୟ ସଙ୍ଗତି କରଣ ପଦକ୍ଷେପ ଦ୍ୱାରା 2009-10 ଆର୍ଥିକ ବର୍ଷରେ ଋଣ ସାମଗ୍ରୀକ ଘରୋଇ ଉତ୍ପାଦନର ଅନୁପାତ ଯଥେଷ୍ଟ ହ୍ରାସ ପାଇଛି । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ଏହି ଅନୁପାତ ୨୮ ପ୍ରତିଶତ ରହିବା ଉଚିତ । ପୁନଶ୍ଚ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ଋଣ ସାମଗ୍ରୀକ ଘରୋଇ ଉତ୍ପାଦନ ଅନୁପାତ 2014-15 ଆର୍ଥିକ ବର୍ଷରେ 25 ପ୍ରତିଶତ ହେବା ବାଞ୍ଛନୀୟ । ଏହି ଦୃଷ୍ଟିରୁ ବିଚାର କଲେ 2009-10 ଆର୍ଥିକ ବର୍ଷରେ ଏହି ଧାର୍ଯ୍ୟଲକ୍ଷ୍ୟ ହାସଲ ହୋଇସାରିଛି । ଆଗାମୀ ବର୍ଷ ମାନଙ୍କରେ ଆମକୁ ଏହା ବଜାୟ ରଖିବାକୁ ପଡିବ ।

2.6 ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ସମସ୍ୟା ସତ୍ତ୍ୱେ 2010-11 ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥନୀତିରେ ଆଶାନୁରୂପ ସଫଳତା ଆସିପାରିଛି ।

ରାଜ୍ୟର ଅର୍ଥନୈତିକ ଚିତ୍ରର ଏକ ବାସ୍ତବ ବିଶ୍ଳେଷଣ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରଦାନ କରାଯାଇଛି । ମୁଁ ସେ ବିଷୟରେ ଅଧିକ ଆଲୋଚନା କରି ଏ ଗୃହର ସମୟ ଅପଚୟ କରିବାକୁ ଚାହୁଁ ନାହିଁ ।

## 3. 2010-11 ଆର୍ଥିକ ବର୍ଷ ବଜେଟ ଅଭିଭାଷଣରେ ରାଜ୍ୟ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ନେଇ ଘୋଷାଣର କାର୍ଯ୍ୟାନ୍ୱୟନ

3.1 2010-11 ଆର୍ଥିକ ବର୍ଷର ବଜେଟ ଅଭିଭାଷଣରେ ମୁଁ ରାଜ୍ୟ ସରକାର ଗ୍ରହଣ କରିବାକୁ ଥିବା କେତେକ ନୂତନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲି । ତନ୍ମଧ୍ୟରୁ 10 ଟି ପ୍ରମୁଖ ବିଭାଗରେ ବିତ୍ତୀୟ ପରିଚାଳନା ପ୍ରଥା ପ୍ରଚଳନ (Introduction of Cash Management System), 5ଟି ବିଭାଗରେ ପରିଣାମଦର୍ଶୀ ବଜେଟ (Outcome Budget) ପ୍ରଚଳନ, ଡି ଟି ଏଚ ସେବା ଉପରେ ପ୍ରମୋଦ କର ଧାର୍ଯ୍ୟ, ବ୍ୟବସାୟୀମାନଙ୍କ ସୁବିଧା ପାଇଁ ଇ-ପେମେଣ୍ଟ ବ୍ୟବସ୍ଥା ପ୍ରଚଳନ, କମ୍ପୁଟର ମାଧ୍ୟମରେ ଭ୍ୟାଟ ରିଟର୍ଣ୍ଣ ଦାଖଲ ଇତ୍ୟାଦି କେତେକ ପଦକ୍ଷେପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିଛି ।

ଏହାର ଏକ ସବିଶେଷ ବିବରଣୀ ବିଧାନସଭାର ଚଳିତ ଅଧିବେଶନରେ ଉପସ୍ଥାପନ କରାଯିବ ।

## 4. 2010-11 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ

2010-11 ଆର୍ଥିକ ବର୍ଷର ସଂଶୋଧିତ ରାଜସ୍ୱ ପ୍ରାପ୍ତି ର ଅଟକଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ୨ ମାସରେ ଆଦାୟ ହୋଇଥିବା ରାଜସ୍ୱର ପରିମାଣ, ଜାତୀୟ ଓ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧିର ଗତି ଏବଂ ଏହି ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ମଧ୍ୟରେ ସମ୍ଭାବ୍ୟ ଆଦାୟକୁ ଦୃଷ୍ଟିରେ ରଖି ସ୍ଥିରୀକୃତ ହୋଇଅଛି । ସେହିପରି ବ୍ୟୟର ସଂଶୋଧିତ ଅଟକଳ ଅଣ

ଯୋଜନା, ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନାର ବଜେଟ୍ ଅଟକଳ ଓ ଅତିରିକ୍ତ ବଜେଟ ଅଟକଳର ହିସାବକୁ ନେଇ ପ୍ରସ୍ତୁତ କରାଯାଇଛି ।

## 5. 2011-12 ଆର୍ଥିକ ବର୍ଷ ବଜେଟର ଅଗ୍ରାଧିକାର କ୍ଷେତ୍ର

ପୂର୍ବ ବଜେଟରେ ଅର୍ଥନୀତିର ଅନ୍ତର୍ଭୁକ୍ତି ଅଭିବୃଦ୍ଧି (inclusive growth of the economy) ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ଲକ୍ଷ୍ୟ ହାସଲ ପାଇଁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଥିବା ଭିତ୍ତିଭୂମି ଜନିତ ଅଭାବ ଦୂରକରିବା ପାଇଁ ଅଧିକ ପୁଞ୍ଜି ବିନିଯୋଗ, ସ୍ଥାନୀୟ ନିକାୟ ସଂସ୍ଥା ଗୁଡିକୁ ଅଧିକ ସମ୍ବଳ ହସ୍ତାନ୍ତର, ଆର୍ଥିକ ପରିଚାଳନାରେ ଦକ୍ଷତା ବୃଦ୍ଧି ଓ ସରକାରୀ ଖର୍ଚ୍ଚରେ ମାନର ଉନ୍ନତି ଏବଂ ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ସରକାରୀ-ଘରୋଇ ଭାଗିଦାରୀ (PPP) ବ୍ୟବସ୍ଥା ପ୍ରଚଳନର ଆବଶ୍ୟକତା ରହିଛି ।

5.1 ଏହି ବଜେଟ୍‌ରେ ଆର୍ଥିକ ସଂସ୍କାରର ସୁଦୃଢୀକରଣ, ପଞ୍ଚାୟତ ଓ ପୌର ଶାସନ ପାଇଁ ଅଧିକ ସମ୍ବଳ ବ୍ୟବସ୍ଥା ଏବଂ ସାମଗ୍ରୀକ ଅର୍ଥନୈତିକ ଅଭିବୃଦ୍ଧି ହାସଲ ପାଇଁ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ସମୁଦାୟ ରାଜ୍ୟ ଯୋଜନାର 60 ଶତାଂଶରୁ ଊର୍ଦ୍ଧ୍ୱ ପୁଞ୍ଜି ଖର୍ଚ୍ଚ ଏବଂ ଅନୁଦାନ ଓ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚରୁ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ବ୍ୟୟ ବରାଦ କରାଯାଇଛି ।

5.2 ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଉଚ୍ଚମାନର ଭିତ୍ତିଭୂମି ସୃଷ୍ଟି ଉପରେ ନିର୍ଭରଶୀଳ, ଯେହେତୁ ଏହା ଅଧିକ ପୁଞ୍ଜି ନିବେଶକୁ ଆକୃଷ୍ଟ କରିପାରିବ । ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ରାଜ୍ୟରେ ବିଭିନ୍ନ ଦିଗରୁ

ଭିତ୍ତିଭୂମିର ଅଭାବ ରହିଚ୍ଛି । ଏହି ଅଭାବକୁ ପୂରଣ କରିବା ପାଇଁ ବିପୁଳ ପୁଞ୍ଜିବିନିଯୋଗର ଆବଶ୍ୟକତା ରହିଚ୍ଛି, ଯାହା କେବଳ ରାଜ୍ୟ ସରକାର ନିଜ ସମ୍ବଳରୁ ଯୋଗାଇ ଦେଇ ପାରିବେ ନାହିଁ । ବିଗତ ୨୦ ଦଶକରେ ଅର୍ଥନୈତିକ ଉଦାରୀକରଣ ଫଳରେ ଭିତ୍ତିଭୂମି ପ୍ରକଳ୍ପ କ୍ଷେତ୍ରରେ ବିଭିନ୍ନ ନୀତିଗତ ନିଷ୍ପତ୍ତି ଦ୍ୱାରା ସରକାରୀ ଓ ଘରୋଇ ଭାଗୀଦାରୀ (PPP) ର ପ୍ରବେଶ ଘଟିଲା ଯାହାଦ୍ୱାରା ବେସରକାରୀ ପୁଞ୍ଜି ନିବେଶ ସମେତ ତାହାର ଜ୍ଞାନ କୌଶଳ ଓ ପରିଚାଳନାଗତ ଦକ୍ଷତାର ଉପଯୋଗ ହୋଇପାରିଲା । ବର୍ତ୍ତମାନ ଉଚ୍ଚମାନର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଚ୍ଛି ।

5.3 ଯେହେତୁ ଭିତ୍ତିଭୂମି ପ୍ରକଳ୍ପ ଗୁଡିକ ସଦାସର୍ବଦା ଆର୍ଥିକ ଦୃଷ୍ଟି କୋଣରୁ ଆତ୍ମସକ୍ଷମ ନୁହଁନ୍ତି, ତେଣୁ କେନ୍ଦ୍ର ସରକାର ସରକାରୀ-ଘରୋଇ ଭାଗୀଦାରୀ (PPP) ରେ ନିର୍ମିତ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ପାଇଁ ପୁଞ୍ଜି ଅଭାବକୁ ଭରଣା କରିବା ଉଦ୍ଦେଶ୍ୟରେ ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳର ସର୍ବାଧିକ 20 ପ୍ରତିଶତ ଅର୍ଥ Viability Gap Funding ଭାବରେ ଦେଉଚ୍ଛନ୍ତି । 2007 ମସିହା ଠାରୁ ଆମ ରାଜ୍ୟରେ ଏକ PPP ନୀତି କାର୍ଯ୍ୟକାରୀ ହେଉଚ୍ଛି ଯାହା ଅଧିନରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ସହାୟତାବାଦ୍ ଆବଶ୍ୟକ ଅଧିକ ପୁଞ୍ଜି ଆହରଣ ସକାଶେ Viability Gap Funding ର ବ୍ୟବସ୍ଥା ରହିଚ୍ଛି । ଏହା ଦ୍ୱାରା କେନ୍ଦ୍ର ସରକାରଙ୍କ ସହାୟତା ରାଶି ବାଦ୍ ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳର ସର୍ବାଧିକ 20 ପ୍ରତିଶତ ସହାୟତା ମିଳିପାରିବ । ତଦନୁଯାୟୀ ଯୋଜନା ଓ ସମନ୍ୱୟ ବିଭାଗ ବଜେଟ୍‌ରେ ଏକ State Viability Gap Fund ସୃଷ୍ଟି ପାଇଁ 100.00 କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଚ୍ଛି । ଏହା ଘରୋଇ ପୁଞ୍ଜି ନିବେଶକାରୀମାନଙ୍କୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି

ଉନ୍ନୟନ ପ୍ରକଳ୍ପ ଗୁଡିକ ପାଇଁ ଆକୃଷ୍ଟ କରିପାରିବ । ଏହା ବ୍ୟତିତ ଶକ୍ତି ବିଭାଗ ବଜେଟ୍‌ରେ Viability Gap Funding ପାଇଁ 43.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା କେ.ବି.କେ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଅଣ ଲାଭଜନକ ବିଦ୍ୟୁତ୍ ପରିବହନ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ । ଅଧିକନ୍ତୁ ରାସ୍ତା ନିର୍ମାଣ କ୍ଷେତ୍ରରେ ସରକାରୀ-ଘରୋଇ ଭାଗୀଦାରୀରେ ନିର୍ମାଣାଧିନ ପ୍ରକଳ୍ପଗୁଡିକର ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ବଜେଟ୍‌ରେ 30.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

5.4 ରାଜ୍ୟର ଆର୍ଥିକ ଅବସ୍ଥାର ଉନ୍ନତି ଫଳରେ ନିଃସନ୍ଦେହରେ ପୁଞ୍ଜି ବିନିଯୋଗ ପାଇଁ ଆବଶ୍ୟକୀୟ ଆର୍ଥିକ ସମ୍ବଳ ଉପଲବ୍ଧ ହୋଇପାରିଛି । ବର୍ତ୍ତମାନ ଆମ ପାଇଁ ବଡ ଆହ୍ୱାନ ହେଉଛି ଅଭିବୃଦ୍ଧିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ବ୍ୟୟ ବରାଦର ଅଗ୍ରାଧିକାରକୁ ପୁର୍ନବିନ୍ୟାସ କରିବା ।

5.5 2009-10 ଆର୍ଥିକ ବର୍ଷରେ ପୁଞ୍ଜି ଖର୍ଚ୍ଚ ସାମଗ୍ରୀକ ଘରୋଇ ଉତ୍ପାଦନର ମାତ୍ର 2.25 ପ୍ରତିଶତ ହୋଇଛି । 2010-11 ସଂଶୋଧିତ ଅଟକଳ ଅନୁଯାୟୀ ଏହା 2.50 ପ୍ରତିଶତରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି । ଯଦିଓ 2007-08 ଓ 2008-09 ରେ ପୁଞ୍ଜି ଖର୍ଚ୍ଚରେ ଯଥେଷ୍ଟ ଉନ୍ନତି ହୋଇଛି କିନ୍ତୁ ସମ୍ବଳର ଅଭାବ ନଥାଇ ମଧ୍ୟ ଏହା ଆଶାନୁରୂପ ସ୍ତରରେ ପହଞ୍ଚି ପାରିନାହିଁ । ତେଣୁ ପୁଞ୍ଜି ଖର୍ଚ୍ଚ ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନର ଅନ୍ତତଃ 5 ପ୍ରତିଶତ ହେବା ବାଞ୍ଛନୀୟ ।

5.6 ତ୍ରୟୋଦଶ ଅର୍ଥ କମିଶନଙ୍କ ନିର୍ଦ୍ଦେଶିତ ଆର୍ଥିକ ସଂସ୍କାର ସୁଦୃଢୀକରଣ ମାର୍ଗଦର୍ଶିକା (Fiscal Consolidation Path)ଅନୁଯାୟୀ

ବିତ୍ତୀୟ ନିଅଣ୍ଟକୁ 2011-12 ଆର୍ଥିକ ବର୍ଷ ଠାରୁ ସାମଗ୍ରୀକ ଘରୋଇ ଉତ୍ପାଦନର 3 ପ୍ରତିଶତରେ ସିମୀତ ରଖିବାକୁ ହେବ । ତେଣୁ ଅଧିକ ପୁଞ୍ଜି ଖର୍ଚ୍ଚକୁ ଭରଣା କରିବାକୁ ଋଣ ପରିବର୍ତ୍ତେ ନିଜ ରାଜସ୍ୱ ସଂଗ୍ରହ ଦ୍ୱାରା ପ୍ରତିପୂର୍ତ୍ତି କରିବାକୁ ପଡିବ ।

5.7 ରାଜସ୍ୱ ଆଦାୟ କ୍ଷେତ୍ରରେ 1998 ରୁ 2008 ବର୍ଷ ମଧ୍ୟରେ ଗୋଟିଏ ଦଶନ୍ଧିରେ ଆମ ରାଜ୍ୟର ସଫଳତା ସାଧାରଣ ଶ୍ରେଣୀର ରାଜ୍ୟ ମାନଙ୍କ ଭିତରେ ଆମର ଦକ୍ଷତାକୁ ପ୍ରତିପାଦିତ କରିଚ୍ଛି, ଯାହାକି ତ୍ରୟୋଦଶ ଅର୍ଥ କମିଶନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଚ୍ଛି । ତଥାପି ଏହା ସର୍ବାଧିକ ନୁହେଁ ଏବଂ ରାଜ୍ୟର ନିଜ ରାଜସ୍ୱର ପରିମାଣ ଆସନ୍ତା 2014-15 ସୁଦ୍ଧା GSDP ର 6.75 ପ୍ରତିଶତ ହେବା ଆବଶ୍ୟକ ।

5.8 ବିଭିନ୍ନ ଜନମଙ୍ଗଳ ଓ ପ୍ରଗତିମୂଳକ କାର୍ଯ୍ୟକ୍ରମର ରୂପାୟନ ପାଇଁ ଆବଶ୍ୟକ ଅର୍ଥ ଭରଣା କରିବା ନିମନ୍ତେ ଅଧିକ ରାଜସ୍ୱ ସଂଗ୍ରହର ଆବଶ୍ୟକତା ରହିଚ୍ଛି ଏବଂ ଏଥିପାଇଁ ଆମକୁ ଯଥୋଚିତ ପଦକ୍ଷେପ ନେବାକୁ ହେବ ।

5.9 ସର୍ବଦା ସମ୍ବଳ ତୁଳନାରେ ରାଜ୍ୟର ଆବଶ୍ୟକତା ଅଧିକ । ସୁତରାଂ ବହୁବିଧ ସମସ୍ୟା ମଧ୍ୟରେ ସୀମିତ ସମ୍ବଳର ସଦୁପଯୋଗ କରି ଅଗ୍ରାଧିକାର କ୍ଷେତ୍ରରେ ଆବଶ୍ୟକୀୟ ବ୍ୟୟ ବରାଦ ପାଇଁ ଆମ ସରକାର ଯତ୍ନଶୀଳ । ତଦନୁଯାୟୀ ଶିକ୍ଷା, କୃଷି ଓ ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାର ଉନ୍ନତି, ଭିତ୍ତିଭୂମିର ବିକାଶ, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ବିଶେଷ, ମହିଳା , ଅନୁସୂଚିତ ଜାତି ତଥା ଜନଜାତି ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ ଲୋକଙ୍କର କଲ୍ୟାଣ ତଥା ଗ୍ରାମାଞ୍ଚଳର

ବିକାଶ ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ କୁ ସମ୍ପୂର୍ଣ୍ଣ କରିବା ପାଇଁ ବଜେଟ ରେ ବିଶେଷ ଧ୍ୟାନ ଦିଆଯାଇଛି ।

## 6. 2011-12 ଆର୍ଥିକ ବର୍ଷର ବଜେଟ ଅଟକଳର ସାରାଂଶ

2011-12 ଆର୍ଥିକ ବର୍ଷର ବଜେଟ ଅଟକଳ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ, ଯୋଜନା କମିଶନଙ୍କ ସହ ଆଲୋଚନାରେ ସ୍ଥିରୀକୃତ ହୋଇଥିବା ରାଜ୍ୟ ଯୋଜନା ଅଟକଳ ଏବଂ ଲୋକଙ୍କର ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ବିଭିନ୍ନ ଉନ୍ନୟନ ମୂଳକ ତଥା ସାମାଜିକ ନିରାପତ୍ତା ଜନିତ କାର୍ଯ୍ୟକ୍ରମର ରୂପରେଖକୁ ନେଇ ପ୍ରସ୍ତୁତ କରାଯାଇ ଅଛି ।

6.1 ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2011-12 ଆର୍ଥିକ ବର୍ଷରେ ଚାଲୁରହିଥିବା ବିଭିନ୍ନ ଯୋଜନା ଏବଂ ନୂତନ ଯୋଜନାର ରୂପାୟନ ପାଇଁ ରାଜସ୍ୱ ପ୍ରାପ୍ତିକୁ ବିଚାରକୁ ନେବାକୁ ହେବ । 2010-11 ଆର୍ଥିକ ବର୍ଷର ପ୍ରଥମ ୨ ମାସ ମଧ୍ୟରେ ଆଦାୟ ହୋଇଥିବା ଅର୍ଥ, ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ମିଳିବାକୁ ଥିବା କେନ୍ଦ୍ରୀୟ ଟିକସ ଓ ଅନୁଦାନ ତଥା ଯୋଜନା କମିଶନଙ୍କ ସହ ଆଲୋଚନା ଅବସରରେ ମିଳିଥିବା ସୂଚନା ଅନୁଯାୟୀ ଯୋଜନା ଅନୁଦାନ ଏବଂ ଋଣ ସ୍ତରକୁ ଭିତ୍ତିକରି 2011-12 ଆର୍ଥିକ ବର୍ଷର ରାଜସ୍ୱ ପ୍ରାପ୍ତିର ଆକଳନ କରାଯାଇଛି ।

6.2 କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ, ରାଜ୍ୟର ନିଜ ଟିକସ, ଅଣ ଟିକସ ତଥା ଅଣଯୋଜନା କ୍ଷେତ୍ରରେ କେନ୍ଦ୍ରରୁ ମିଳୁଥିବା ଅନୁଦାନକୁ ହିସାବକୁ ନେଇ 2011-12 ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ

ପ୍ରାପ୍ତି 36383.36 କୋଟି ଟଙ୍କା ହେବ ବୋଲି ଆକଳିତ ହୋଇଅଛି । 2011-12 ଆର୍ଥିକ ବର୍ଷରେ ଆମ ଟିକସ ଓ ଅଣଟିକସ ରାଜସ୍ୱ 16104.90 କୋଟି ଟଙ୍କାରେ ଆକଳିତ ହୋଇଛି, ଯାହା 2010-11 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଠାରୁ 15.65 ପ୍ରତିଶତ ଅଧିକ ଅଟେ । ସେହିପରି 2011-12 ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ଖର୍ଚ୍ଚ 36323.23 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହାଦ୍ୱାରା ଆମର ରାଜସ୍ୱ ହିସାବକୁ ସମତୁଲ କରିବାପରେ 60.13 କୋଟି ଟଙ୍କାର ବଳକା ସୃଷ୍ଟି ହେବ ବୋଲି ଅନୁମାନ କରାଯାଇଛି ।

6.3 ଆମ ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦନର ଅନୁପାତ ପ୍ରାୟ 5.74 ପ୍ରତିଶତ ରହିଛି । ତ୍ରୟୋଦଶ ଅର୍ଥ କମିଶନ 2014-15 ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦନର ଅନୁପାତକୁ 6.75 ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସୁପାରିଶ କରିଛନ୍ତି । ଏହାକୁ ଆଖି ଆଗରେ ରଖି ନିଜ ରାଜସ୍ୱ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

6.4 ଯୋଜନା ଆୟୋଗଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ଯୋଜନା ପାଇଁ 4784.98 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ମିଳିବ ବୋଲି ଆଶା କରାଯାଉଛି । ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାର ରୂପାୟନ ପାଇଁ ବିଭିନ୍ନ ସୂତ୍ରରୁ 4887.65 କୋଟି ଟଙ୍କାର ଋଣ କରାଯିବ ବୋଲି ଆକଳନ କରାଯାଇଛି । ଏହା ଦ୍ୱାରା ବିତ୍ତୀୟ ନିଅଣ୍ଟକୁ ସାମଗ୍ରୀକ ଘରୋଇ ଉତ୍ପାଦନର 3 ପ୍ରତିଶତରେ ରଖିହେବ ବୋଲି ଆଶା କରାଯାଉଛି ।

6.5 2011-12 ଆର୍ଥିକ ବର୍ଷର ବ୍ୟୟ ଭରଣା ପାଇଁ ରାଜସ୍ୱ ପ୍ରାପ୍ତିରୁ 36383.36 କୋଟି, ଋଣ ଓ ଅଗ୍ରୀମ ପରିଶୋଧରୁ 240.29 କୋଟି ଏବଂ

ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଆହରଣ ହେବାକୁ ଥିବା 8255.32 କୋଟି ଟଙ୍କା ଆକଳନ କରାଯାଇଛି ।

6.6 2011-12 ଆର୍ଥିକ ବର୍ଷ ପାଇଁ ଅଣଯୋଜନା କ୍ଷେତ୍ରରେ ହୋଇଥିବା 29594.25 କୋଟି ଟଙ୍କା ବ୍ୟୟବରାଦ ମଧ୍ୟରୁ ଦରମା, ପେନସନ, ସୁଧଦେୟ ଏବଂ ପୁଞ୍ଜି ସମ୍ପତ୍ତିର ପରିଚାଳନା ପାଇଁ ଯଥାକ୍ରମେ 10605.00 କୋଟି, 4550.00 କୋଟି, 4047.23 କୋଟି ଏବଂ 2682.78 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

6.7 ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ ଯୋଜନା କମିଶନଙ୍କ ସହ ଆଲୋଚନା ପରେ 2011-12 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ଅଟକଳ 15,000 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଅଛି । ଏଥି ମଧ୍ୟରୁ 13,000 କୋଟି ଟଙ୍କା ରାଜ୍ୟ ସରକାର ଏବଂ ଅବଶିଷ୍ଟ 2000 କୋଟି ଟଙ୍କା ସରକାରୀ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ । ସରକାରୀ କ୍ଷେତ୍ରରେ ସହବନ୍ଧିତ ଏବଂ ଅଣବନ୍ଧିତ ସମ୍ବଳ ଆକଳନ ଯଥାକ୍ରମେ 5704.27 କୋଟି ଏବଂ 7295.73 କୋଟି ଟଙ୍କା କରାଯାଇଛି ।

6.8 ଋଣ ପରିଶୋଧକୁ ମିଶାଇ 2011-12 ଆର୍ଥିକ ବର୍ଷ ବଜେଟ୍‌ରେ ମୋଟ 44878.97 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥି ମଧ୍ୟରୁ ଅଣଯୋଜନା ବ୍ୟୟବରାଦ 29594.25 କୋଟି ଟଙ୍କା ରଖାଯାଇଛି, ଯାହା 2010-11 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ତୁଳନାରେ 13.01 ପ୍ରତିଶତ ଅଧିକ ଅଟେ । ସେହିପରି ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଯଥାକ୍ରମେ 13000 କୋଟି, 731.10 କୋଟି ଏବଂ 1553.62 କୋଟି - ଏହିପରି ମୋଟ 15284.72 କୋଟି ଟଙ୍କାର

ବ୍ୟୟବରାଦ କରାଯାଇଛି । ଏହା 2010-11 ସଂଶୋଧିତ ଅଟକଳ ତୁଳନାରେ 13.92 ପ୍ରତିଶତ ଅଧିକ ଅଟେ ।

## 7. ତ୍ରୟୋଦଶ ଅର୍ଥକମିଶନଙ୍କ ସୁପାରିଶ କ୍ରମେ ବ୍ୟୟ ବରାଦ

2011-12 ଆର୍ଥିକ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଯୋଜନା ନିମନ୍ତେ ତ୍ରୟୋଦଶ ଅର୍ଥ କମିଶନ 1823.12 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି । ଏଥି ମଧ୍ୟରୁ ବିଭିନ୍ନ ବିଭାଗ ପାଇଁ ନିମ୍ନୋକ୍ତ ପ୍ରକାରେ ବ୍ୟୟବରାଦ କରାଯାଇଛି ।

7.1 ରାଜ୍ୟରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଉନ୍ନତି ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ଆଇନ, ଗୃହ ଓ ପୂର୍ତ୍ତ ବିଭାଗ ବଜେଟ୍‌ରେ ମୋଟ 43.72 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ 38.72 କୋଟି ଟଙ୍କା ଅନ୍ତର୍ଭୁକ୍ତ । ପ୍ରାତଃ/ସାନ୍ଧ୍ୟ କାଳୀନ ସ୍ୱତନ୍ତ୍ର ବିଚାରାଳୟ, ସ୍ୱତନ୍ତ୍ର ମହାନଗରୀୟ ନ୍ୟାୟିକ ମାଜିଷ୍ଟ୍ରେଟ୍ (Special Judicial Metropolitan Magistrate) ପାଳି ନ୍ୟାୟାଳୟ (Shift Court) ଗୁଡିକର ପରିଚାଳନା, ଲୋକ ଅଦାଲତ ଏବଂ ବିଧିକ ସହାୟତା, ନ୍ୟାୟିକ ଅଧିକାରୀ ଓ ସରକାରୀ ଅଭିଯୋଜକ (Public Prosecutor) ମାନଙ୍କ ତାଲିମ, Alternative Dispute Resolution କେନ୍ଦ୍ର ସ୍ଥାପନ ଏବଂ ମଧ୍ୟସ୍ଥି ଓ ତୋଷଣକାରୀ ((Mediators & Conciliators) ମାନଙ୍କ ତାଲିମ, ଐତିହ୍ୟବହନକାରୀ କୋର୍ଟ ଗୃହଗୁଡିକର ସଂରକ୍ଷଣ ଓ ରାଜ୍ୟ ନ୍ୟାୟିକ ଏକାଡେମୀ (State Judicial Academy) ଗଠନ ବାବଦରେ ଏହି ବ୍ୟୟ ବରାଦ ଉଦ୍ଦିଷ୍ଟ ।

7.2 ରାଜ୍ୟ ଯୋଜନାରେ ଜଙ୍ଗଲ ରକ୍ଷଣାବେକ୍ଷଣ ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ବଜେଟ୍‌ରେ 41.37 କୋଟିଟଙ୍କାର ବ୍ୟୟବରାଦ କରାଯାଇଛି ।

7.3 ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବଜେଟ୍‌ରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିର କେନ୍ଦ୍ରୀୟ ଅଂଶ ନିମିତ୍ତ 308.37 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିର ରାଜ୍ୟ ଅଂଶ ବାବଦରେ 102.79 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.4 ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବଜେଟ୍‌ରେ ବିପର୍ଯ୍ୟୟ ପ୍ରଶମନର ଦକ୍ଷତା ବୃଦ୍ଧି ପାଇଁ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଅଧିନିୟମ 2005 ଅନୁସାରେ ଏହି ବରାଦି ଅର୍ଥ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଏବଂ ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନିମିତ୍ତ ବିନିଯୋଗ କରାଯିବ ।

7.5 ସ୍ଥାନୀୟ ନିକାୟ ସଂସ୍ଥା (Local Bodies) ପାଇଁ ବଜେଟ୍‌ରେ 479.71 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରୁ 404.53 କୋଟି ଟଙ୍କା ପଞ୍ଚାୟତିରାଜ ବିଭାଗ ଏବଂ 75.18 କୋଟି ଟଙ୍କା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ ଉଦ୍ଦିଷ୍ଟ ।

7.6 ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ରାଜ୍ୟ ଯୋଜନାରେ ପ୍ରାଥମିକ ଶିକ୍ଷା ପାଇଁ 187.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଅର୍ଥ

କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (C.S.P) "ସର୍ବଶିକ୍ଷା ଅଭିଯାନ" ର ରାଜ୍ୟ ଅଂଶ ବାବଦରେ ରଖାଯାଇଛି ।

7.7 ରାଜ୍ୟ ଯୋଜନାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ବଜେଟ୍‌ରେ ଅଦ୍ୱିତୀୟ ପରିଚୟ ପତ୍ର (U.I.D.) ପ୍ରସ୍ତୁତି ନିମନ୍ତେ 35.70 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.8 ଯୋଜନା ଓ ସମନ୍ୱୟ ବିଭାଗ ବଜେଟ୍‌ରେ ରାଜ୍ୟରେ ପରିସଂଖ୍ୟାନ ପଦ୍ଧତି (Statistical System)ର ଉନ୍ନତି ପାଇଁ 6 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.9 ଯୋଜନା ଓ ସମନ୍ୱୟ ବିଭାଗ ବଜେଟ୍‌ରେ ରାଜ୍ୟ ଯୋଜନା କ୍ଷେତ୍ରରେ ଜିଲ୍ଲା ଅଭିନବି କରଣ ପାଣ୍ଠି (District Innovation Fund) ପାଇଁ 15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.10 ଜଳ ସମ୍ପଦର ପରିଚାଳନା ପାଇଁ ଜଳ ସମ୍ପଦ ବିଭାଗରେ 46.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.11 ଅଣ ଯୋଜନା କ୍ଷେତ୍ରରେ ବଜେଟ୍‌ରେ ରାସ୍ତା ଓ ସେତୁର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 224.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.12 ଶକ୍ତି ବିଭାଗ ବଜେଟ୍‌ରେ ରାଜ୍ୟ ଯୋଜନାରେ ଶକ୍ତି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ 125.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.13 ଗୃହ ବିଭାଗ ଅଧୀନରେ ପୋଲିସ ପ୍ରଶିକ୍ଷଣ, ଜେଲ୍‌ର ଉନ୍ନତି କରଣ ଏବଂ ଅଗ୍ନି ନିର୍ବାପକ ସଂସ୍ଥା ପାଇଁ ରାଜ୍ୟ ଯୋଜନାରେ ଯଥାକ୍ରମେ 17.50

କୋଟି, 25.00 କୋଟି ଏବଂ 37.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.14 ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଓ ଐତିହ୍ୟର ସୁରକ୍ଷା ପାଇଁ ସଂସ୍କୃତି ବିଭାଗର ବଜେଟ୍‌ରେ ରାଜ୍ୟ ଯୋଜନାରେ 16.25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.15 ଚିଲିକାର ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଯୋଜନାରେ ଜଙ୍ଗଲ ଓ ପରିବେଶ ବିଭାଗ ବଜେଟରେ 12.50 କୋଟି ଟଙ୍କାର ବ୍ୟବସ୍ଥା କରାଯାଅଛି ।

7.16 ରାଜ୍ୟ ଯୋଜନାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ବଜେଟରେ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ 100.00 କୋଟି ଟଙ୍କାର ବାୟ ବରାଦ କରାଯାଇଅଛି ।

7.17 ରାଜ୍ୟ ଯୋଜନାରେ ବ୍ଲକ ସ୍ତରରେ ବଜାର ଭିତ୍ତିଭୂମି ସୁବିଧା ପାଇଁ ସମବାୟ ବିଭାଗ ବଜେଟରେ 15.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

7.18 ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯଥା ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରାଜ୍ୟର ତିନି ଗୋଟି ଭେଷଜ ମହାବିଦ୍ୟାଳୟ ଓ ସଂଲଗ୍ନ ଚିକିତ୍ସାଳୟର ଉନ୍ନତି ସାଧନ ପାଇଁ ରାଜ୍ୟ ଯୋଜନାରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟରେ ସମୁଦାୟ 87.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

## ୪. ଅନ୍ୟାନ୍ୟ ମୁଖ୍ୟ ବ୍ୟୟବରାଦ

୪.1 ରାଜ୍ୟ ସରକାର ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ବାବଦରେ 2010-11 ଆର୍ଥିକ ବର୍ଷ ତୁଳନାରେ ଆଗାମୀ ବର୍ଷ ପାଇଁ ପ୍ରାୟ 40 ପ୍ରତିଶତ ଅଧିକ ବ୍ୟୟ ବରାଦ କରିଛନ୍ତି । 2010-11 ଆର୍ଥିକ ବର୍ଷର ବଜେଟ୍ ଅଟକଳ ଅନୁସାରେ ଏଥିପାଇଁ 1917.୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ 2011-12 ଆର୍ଥିକ ବର୍ଷର ବଜେଟ୍ ଅଟକଳରେ 26୪2.7୪ କୋଟି ଟଙ୍କାର ପ୍ରସ୍ତାବ ରହିଛି ।

୪.2 ଆବାସିକ ଗୃହ, ରାସ୍ତା ଓ ସେତୁ, ଜଳ ଯୋଗାଣ, ବନ୍ୟା ନିୟନ୍ତ୍ରଣ, ବୃହତ ଓ ମଧ୍ୟମ ଜଳସେଚନ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ 172.15 କୋଟି, 1149.39 କୋଟି, 211.06 କୋଟି, 111.୪5 କୋଟି, 464.42 କୋଟି ଏବଂ 169.75 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

୪.3 ପୁରାତନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୃହର ସ୍ୱତନ୍ତ୍ର ମରାମତି ଓ ନବୀକରଣ ପାଇଁ 2010-11 ଆର୍ଥିକ ବର୍ଷ ଭଳି 2011-12 ଆର୍ଥିକ ବର୍ଷ ବଜେଟ୍‌ରେ ମଧ୍ୟ 40 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଅଣଆବାସିକ ଗୃହର ସ୍ୱତନ୍ତ୍ର ମରାମତି ପାଇଁ 404.16 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରେ ଉପରୋକ୍ତ 40 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

୪.4 2010 ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁ 12 ଲକ୍ଷ ହେକ୍ଟର ଜମିରେ ଅମଳ ହୋଇଥିବା ଏବଂ ଅମଳ ହେବାକୁ ଥିବା ଶସ୍ୟ ନଷ୍ଟ ହୋଇଯାଇଛି । ଏହି ଅଭୂତପୂର୍ବ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କ ପାଇଁ ପ୍ରତି ହେକ୍ଟର ପିଛା 2000 ଟଙ୍କା ସହାୟତା

ଘୋଷଣା କରାଯାଇଛି । ଏଥିପାଇଁ 2011-12 ଆର୍ଥିକ ବର୍ଷ ବଜେଟ୍‌ରେ 240 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୫.5 ରାଜ୍ୟ ସରକାର ନିଜ ସମ୍ବଳରୁ ଅଦିନିଆ ବର୍ଷା ଓ ମରୁଡି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏହି ମର୍ମରେ ଜାତୀୟ ଦୁର୍ବିପାକ ମୁକାବିଲା ପାଣ୍ଠି (National Disaster Response Fund) ରୁ ସହାୟତା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦୁଇଟି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ମୁଁ ଆଶା କରୁଛି କେନ୍ଦ୍ର ସରକାର ଏ ସମ୍ପର୍କରେ ଆମର ନ୍ୟାଯ୍ୟ ଦାବିକୁ ସହୃଦୟତାର ସହ ବିଚାର କରି ଆମକୁ ଅନ୍ତତଃ 500.00 କୋଟି ଟଙ୍କା ର ସହାୟତା ଯୋଗାଇ ଦେବେ । ଏହାକୁ ଦୃଷ୍ଟିରେ ରଖି ବଜେଟରେ 500.00 କୋଟି ଟଙ୍କାର ଅଗ୍ରୀମ ବ୍ୟୟ ବରାଦ କରାଯାଇଛି ।

## ୨. ତୃତୀୟ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ

୨.1 ସମ୍ବିଧାନର 73ତମ ଓ 74ତମ ସଂଶୋଧନ ଦ୍ୱାରା ରାଜ୍ୟ ଅର୍ଥକମିଶନ ମାଧ୍ୟମରେ ଏକ ଆନୁଷ୍ଠାନିକ ବ୍ୟବସ୍ଥାର ପ୍ରଚଳନ କରାଯାଇଛି । ଏହାଦ୍ୱାରା ରାଜ୍ୟ ସରକାର ଏବଂ ପଞ୍ଚାୟତିରାଜ ଓ ପୌରସଂସ୍ଥା ଗୁଡ଼ିକ ମଧ୍ୟରେ ସମ୍ବଳର ଆବଣ୍ଟନ ଦ୍ୱାରା ସେମାନଙ୍କର କାର୍ଯ୍ୟାତ୍ମକ ଓ ଆର୍ଥିକ ସୁଦୃଢ଼ୀକରଣ ହେବା ସହିତ ତୃଣମୂଳ ସ୍ତରରେ ଏହି ସଂସ୍ଥାଗୁଡ଼ିକ ଦ୍ୱାରା ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇ ଦେବା କ୍ଷେତ୍ରରେ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ ଓ କର୍ତ୍ତବ୍ୟର ସୁଚାରୁରୂପେ ସଂପାଦନ ହୋଇପାରିବ । ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ରାଜ୍ୟ ଅର୍ଥ କମିଶନ ଓ ଜାତୀୟ ଅର୍ଥ କମିଶନଙ୍କର ଅଧିନିର୍ଣ୍ଣୟ କାଳ ମଧ୍ୟରେ ସମକାଳୀନତା ବଜାୟ ରହିବା ଉଚିତ୍ । ତଦନୁଯାୟୀ ଏହି ପବିତ୍ର ଗୃହରେ

ଉପସ୍ଥାପିତ ତୃତୀୟ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟରେ ଏହାର ଅଧିନିର୍ଣ୍ଣୟ କାଳକୁ ତ୍ରୟୋଦଶ ଅର୍ଥ କମିଶନଙ୍କ ସହିତ ସମାନ ରଖାଯାଇଛି । ଆମେ ଆମ ନିଜସ୍ୱ ସମ୍ବଳରୁ କିଛି ଭାଗ ପଞ୍ଚାୟତିରାଜ ଓ ପୌରସଂସ୍ଥାମାନଙ୍କୁ ଯୋଗାଇଦେବାକୁ ସ୍ଥିର କରିଅଛୁ, ଯାହା ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ସାହାଯ୍ୟ କରିବ । କେତେକ ଟିକସ ଓ ଅଣଟିକସ ରାଜସ୍ୱ ଯଥା ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଦେୟ, ମୋଟରଯାନ ଟିକସ, ପ୍ରମୋଦକର ଓ କେନ୍ଦୁପତ୍ର ରୟାଲଟି ରୁ ପ୍ରଦତ୍ତ ଅଂଶ ପ୍ରଚଳିତ ହାରରେ ଦିଆଯିବ । ଏତଦ୍‌ବ୍ୟତୀତ ପ୍ରବେଶ କରରୁ ଦିଆଯାଉଥିବା ଅନୁଦାନକୁ 2010-11 ବଜେଟ୍ ରେ ହୋଇଥିବା ବ୍ୟୟବରାଦ ଉପରେ 10 ପ୍ରତିଶତ ହାରରେ ପ୍ରତିବର୍ଷ ବୃଦ୍ଧି କରାଯିବ । ସେହିପରି ପଞ୍ଚାୟତିରାଜ ଓ ପୌରସଂସ୍ଥାଗୁଡିକୁ ଦିଆଯାଉଥିବା ଅନୁଦାନ ରାଶି ମଧ୍ୟ ବୃଦ୍ଧି କରାଯାଇଅଛି ।

୨.2 ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଦ୍ୱିତୀୟ ରାଜ୍ୟ ଅର୍ଥ କମିଶନ ସ୍ଥାନୀୟ ନିକାୟ ସଂସ୍ଥା ଗୁଡ଼ିକ (Local Bodies) ପାଇଁ ରାଜ୍ୟ ସଂଗଠିତ ପାଣ୍ଠିରୁ 1256.29 କୋଟି ଟଙ୍କା ହସ୍ତାନ୍ତର (Devolution) କ୍ଷତିପୂରଣ ଓ ସମର୍ପଣ (Compensation & Assignment) ଏବଂ ଅନୁଦାନ (GIA) ସୁପାରିଶ କରିଥିଲେ  କିନ୍ତୁ ପ୍ରକୃତ ଆବଶ୍ୟକତାକୁ ଆଖି ଆଗରେ ରଖି ରାଜ୍ୟ ସରକାର 2005-10 ମଧ୍ୟରେ **2187.17** କୋଟି ଟଙ୍କା ହସ୍ତାନ୍ତର କରିଥିଲେ । ଅପରପକ୍ଷେ ତୃତୀୟ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ମତେ 2010-15 ମଧ୍ୟରେ ରାଜ୍ୟ ସରକାର ଏଥିପାଇଁ ସ୍ଥାନୀୟ ନିକାୟ ସଂସ୍ଥା ଗୁଡିକୁ **5048.10** କୋଟି ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି  ଗ୍ରହଣ କରିଛନ୍ତି । ଏହି ଅର୍ଥ ଦ୍ୱିତୀୟ ଅର୍ଥ କମିଶନଙ୍କ ଅଧିନିର୍ଣ୍ଣୟ କାଳରେ ହସ୍ତାନ୍ତରିତ ହୋଇଥିବା ଅର୍ଥ ତୁଳନାରେ **130.80** ପ୍ରତିଶତ ଅଧିକ ଅଟେ । ସେହି

ଅନୁସାରେ  ପଞ୍ଚାୟତିରାଜ ଏବଂ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଅଛି । ସେମାନଙ୍କ ରାଜସ୍ୱ ଆଧାରର ପରିସର ବୃଦ୍ଧି ନିମନ୍ତେ କମିଶନ ଦେଇଥିବା ସୁପାରିଶ ତଥା ଅନ୍ୟାନ୍ୟ ସୁପାରିଶ ଗୁଡିକୁ ମଧ୍ୟ ନୀତିଗତ ଭାବେ ଗ୍ରହଣ କରାଯାଇଅଛି । ମୁଁ ଆଶାକରେ ଏହା ସରକାରଙ୍କର ତୃତୀୟ ସ୍ତରର ଫଳପ୍ରଦ ଆର୍ଥିକ ସଶକ୍ତିକରଣରେ ଏକ ସୁଦୂର ପ୍ରସାରୀ ଭୂମିକା ଗ୍ରହଣ କରିବ ।

## 10. **ବିଭାଗୀୟ ବ୍ୟୟ ବରାଦର ମୁଖ୍ୟାଂଶ**

ବର୍ତ୍ତମାନ ମୁଁ କେତେକ ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ଆଲୋକପାତ କରିବାକୁ ଯାଉଛି ।

## 10.1 **କୃଷି ଓ ଆନୁସଂଗିକ କ୍ଷେତ୍ର**

### 10.1.1 **କୃଷି ବିଭାଗ**

ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରାୟ 65 ପ୍ରତିଶତ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୃଷି ଉପରେ ନିର୍ଭରଶୀଳ । କୃଷି କ୍ଷେତ୍ରର ଅଂଶ ନିଟ୍ ରାଜ୍ୟ ଘରୋଇ ଉତ୍ପାଦନର (Net State Domestic Product)ର ପ୍ରାୟ 20 ପ୍ରତିଶତ ଅଟେ । କୃଷି ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 2011-12 ଆର୍ଥିକ ବର୍ଷ ବଜେଟରେ **1167.98** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

- ବୈଷୟିକ ମିଶନ ଯୋଜନା (Technology Mission Scheme) ଜରିଆରେ ଆଖୁଚାଷ ପାଇଁ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ସର୍ବାଙ୍ଗିନ ବିକାଶ ପାଇଁ ଶତପ୍ରତିଶତ କେନ୍ଦ୍ରୀୟ ସହାୟତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି । 2011-12 ଆର୍ଥିକ ବର୍ଷରେ ଏଥିପାଇଁ 211.86 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- କୃଷି ବିଭାଗ ଅଧୀନରେ ଥିବା ବିକ୍ରୟ କେନ୍ଦ୍ରର ଭିତ୍ତି ଭୂମି ଉନ୍ନୟନ ପାଇଁ ରାଜ୍ୟ ଯୋଜନାରେ 8.90 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- 2011-12 ଆର୍ଥିକ ବର୍ଷରେ 62 ଗୋଟି କୃଷି ଫାର୍ମକୁ ନବୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ବଜେଟ୍‌ରେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଅମ୍ଳଯୁକ୍ତ ମୃତ୍ତିକାର ପରିଚାଳନା ପାଇଁ 2011-12 ଆର୍ଥିକ ବର୍ଷ ବଜେଟରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଆମ ରାଜ୍ୟର ଅନେକ ମରୁଡି ପ୍ରବଣ ଅଞ୍ଚଳରେ ପ୍ରଚୁର ଭୂତଳ ଜଳସମ୍ପଦ ଗଚ୍ଛିତ ଅଛି । ଏହି ଅବ୍ୟବହୃତ ଅନ୍ତର୍ନିହିତ ସମ୍ବଳର ସୁବିନିଯୋଗ ପାଇଁ ବଜେଟରେ 150 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା କୃଷିର ଉନ୍ନତି ହେବା ସଙ୍ଗେ ସଙ୍ଗେ କୃଷକମାନଙ୍କୁ ମରୁଡି ଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ ।

- "ଜଳନିଧି" ଯୋଜନାରେ ଘରୋଇ ସ୍ତରରେ ଉଠାଜଳସେଚନ ପଏଣ୍ଟ ପ୍ରତିଷ୍ଠା ପାଇଁ 50 ପ୍ରତିଶତ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏଥିପାଇଁ 2011-12 ଆର୍ଥିକ ବର୍ଷରେ ଆର୍ ଆଇ ଡି ଏଫ (R.I.D.F) ସହାୟତାରେ ଘରୋଇ ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରିବା ପାଇଁ ସ୍ଥିର ହୋଇଛି ଏବଂ ଏଥିପାଇଁ ସରକାରୀ ପ୍ରୋତ୍ସାହନ ବାବଦରେ ୬3.15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- କୃଷିର ଯାନ୍ତ୍ରିକ କରଣ କରିବା ନିମନ୍ତେ ସହାୟତା ପାଇଁ ୫0.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**10.1.2 ଜଳ ସମ୍ପଦ ବିଭାଗ**

ଜଳ ସମ୍ପଦ ବିକାଶର ଦ୍ରୁତ ଅଭିବୃଦ୍ଧି ଓ ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ । ଜଳ ସମ୍ପଦର ସୁବିନିଯୋଗ ତଥା ବିକାଶ ପାଇଁ ରାଜ୍ୟ ସରକାର 2011-12 ଆର୍ଥିକ ବର୍ଷ ନିମନ୍ତେ ଯୋଜନା ଏବଂ ଅଣଯୋଜନାରେ ମୋଟ **3259.61** କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

- 2010-11 ଆର୍ଥିକ ବର୍ଷ ଠାରୁ ନୂତନ ଭାବେ ଆଡିବନ୍ଧ (Check Dam) ନିର୍ମାଣ ଯୋଜନା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବର୍ଷା ଋତୁ ପରେ ଜଳକୁ ସଂଚୟ କରି ପାନୀୟ ଜଳ ଓ ଜଳସେଚନ ଇତ୍ୟାଦି ପାଇଁ ଏହାକୁ ବ୍ୟବହାର କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । 2010 ଡିସେମ୍ବର ମାସ ଶେଷ ସୁଦ୍ଧା 263 ଟି

ଆଡିବନ୍ଧ ନିର୍ମାଣ କରାଯାଇଛି ଏବଂ ଅବଶିଷ୍ଟ ୬୨୧ ଟି ଆଡିବନ୍ଧ ନିର୍ମାଣ କାର୍ଯ୍ୟ ମାର୍ଚ୍ଚ 2011 ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଯୋଜନା ଅଛି । ଆସନ୍ତା ବର୍ଷ ଏହି ଆଡିବନ୍ଧ ନିର୍ମାଣ ପାଇଁ 200.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ବ୍ଲକ ସ୍ତରରେ 30 ପ୍ରତିଶତରୁ କମ୍ ଜଳସେଚିତ ହୋଇଥିବା ଚାଷପୋଯୋଗୀ ଜମି ନିମନ୍ତେ ଜଳ ଯୋଗାଇ ଦେବାପାଇଁ ଆଡିବନ୍ଧ ନିର୍ମାଣ ବେଳେ ଗୁରୁତ୍ୱ ଦିଆଯିବ ।

- ମରୁଡି ପ୍ରବଣ ଅଞ୍ଚଳରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ(Mega Lift Projects) କାର୍ଯ୍ୟକାରୀ କରାଯିବାକୁ ନିଷ୍ପତି ହୋଇଛି । ଏଥିପାଇଁ 2011-12 ଆର୍ଥିକ ବର୍ଷରେ 50.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ପୁନଶ୍ଚ 2011-12 ଆର୍ଥିକ ବର୍ଷରେ ଗଭୀର କୂପ ଖନନ ମାଧ୍ୟମରେ ସେଚ କାର୍ଯ୍ୟକ୍ରମ ଚାଲୁ ରହିବ । ଏଥିପାଇଁ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ବିଜୁ କୃଷକ ବିକାଶ ଯୋଜନାରେ (BKVY) 150.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବୃହତ, ମଧ୍ୟମ ଓ କ୍ଷୁଦ୍ର (ପ୍ରବାହ) ଜଳସେଚନ ପ୍ରକଳ୍ପ ପାଇଁ ତ୍ୱରିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ (AIBP) ମାଧ୍ୟମରେ 1264.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବୃହତ, ମଧ୍ୟମ ଓ କ୍ଷୁଦ୍ର (ପ୍ରବାହ) ଜଳସେଚନ ପ୍ରକଳ୍ପ ନିମନ୍ତେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ରୁ 130.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ହୀରାକୁଦ ସେଚାଞ୍ଚଳର ଉନ୍ନତି ନିମନ୍ତେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ରୁ17.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସେହିପରି ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ମାଧ୍ୟମରେ ନିର୍ମାଣାଧୀନ ପ୍ରକଳ୍ପ ନିମନ୍ତେ 150.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ତନ୍ମଧ୍ୟରୁ JICA ସହାୟତାରେ ନିର୍ମାଣ କରାଯାଉଥିବା ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ନିମନ୍ତେ 70.00 କୋଟି ଟଙ୍କା, ଏସିୟ ଉନ୍ନୟନ ବ୍ୟାଙ୍କ (ADB) ସହାୟତାରେ ଏକୀଭୂତ ଜଳସେଚିତ କୃଷି ଓ ଜଳ ପରିଚାଳନା ପ୍ରକଳ୍ପ (OIIAWMP) ଯୋଜନା ନିମନ୍ତେ 50.00 କୋଟି ଟଙ୍କା ଓ ବିଶ୍ୱବ୍ୟାଙ୍କ ସହାୟତାରେ ଚାଲୁ ରହିଥିବା ଓଡିଶା ଗୋଷ୍ଠୀ ବନ୍ଧ ପରିଚାଳନା ପ୍ରକଳ୍ପ (OCTMP) ନିମନ୍ତେ 20.00 କୋଟି ଟଙ୍କା ଓ ଜାତୀୟ ଜଳ ବିଜ୍ଞାନ ପ୍ରକଳ୍ପ-2 ନିମନ୍ତେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଜଳାଶୟମାନଙ୍କର ପୁନଃନିର୍ମାଣ, ନବୀକରଣ ଓ ପୂର୍ଣ୍ଣମରାମତି ନିମନ୍ତେ ୫0 କୋଟି ଟଙ୍କାର ସୁବନ୍ଦୋବସ୍ତ କରାଯାଇଅଛି ।

- ମରୁଡି ପ୍ରବଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ କୃଷକମାନଙ୍କ ନିମନ୍ତେ କରାଯାଉଥିବା ଗଭୀର ନଳକୂପ ଯୋଜନା ବିପୁଳ ଭାବରେ ଆଦୃତ ହେଉଅଛି । 2011-12 ଆର୍ଥିକ ବର୍ଷରେ 6000 ଗୋଟି ଗଭୀର ନଳକୂପ ଖନନର ଯୋଜନା କରାଯାଇଅଛି । ଏଥି ନିମନ୍ତେ ବ୍ୟୟ ଅଟକଳରେ ବିହିତ ଅର୍ଥର ବ୍ୟବସ୍ଥା କରାଯାଇଅଛି ।
- 2011-12 ଆର୍ଥିକ ବର୍ଷରେ ସେଚାଞ୍ଚଳ ଉନ୍ନୟନ ଓ ଜଳସେଚନ ପରିଚାଳନା (CAD & WM) କାର୍ଯ୍ୟ ନିମନ୍ତେ 76 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଅଛି ।
- ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳପାଇଁ ବନ୍ୟାନିୟନ୍ତ୍ରଣ ଓ ଜଳ ନିଷ୍କାସନ ଏକ ବଡ ସମସ୍ୟା । ଏ ସବୁ କାର୍ଯ୍ୟ ନିମନ୍ତେ 270.00 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଅଛି । ଏହି ଅର୍ଥ ମଧ୍ୟରୁ 141.00 କୋଟି ଟଙ୍କା ଆଞ୍ଚଳିକ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ (RIDF) 60.00 କୋଟି ଟଙ୍କା କେନ୍ଦ୍ର ସହାୟତାରେ ବନ୍ୟା ପରିଚାଳନା କାର୍ଯ୍ୟକ୍ରମ (FMP) ମାଧ୍ୟମରେ ଏବଂ ଅବଶିଷ୍ଟ ୬୨.00 କୋଟି ଟଙ୍କା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରଖାଯାଇଛି ।

### 10.1.3.**ସମବାୟ ବିଭାଗ**

ସମବାୟ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 2011-12 ଆର୍ଥିକ ବର୍ଷ ବଜେଟରେ **198.14** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

- କୃଷିକାର୍ଯ୍ୟର ସଫଳତା ପାଇଁ କୃଷକମାନେ ରିହାତି ହାରରେ ବିଭିନ୍ନ ଅନୁଷ୍ଠାନରୁ ଋଣ ପାଇବା ଗୁରୁତ୍ୱପୂର୍ଣ୍ଣ ଅଟେ । ଚାଷୀମାନଙ୍କୁ ସ୍ୱଳ୍ପ ସୁଧହାରରେ କୃଷି ଋଣ ଯୋଗାଇ ଦେବା ପାଇଁ 2011-12 ଆର୍ଥିକ ବର୍ଷ ବଜେଟ ରେ ୪0 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଅଭାବୀ ବିକ୍ରିରୁ ରକ୍ଷା ପାଇବା ପାଇଁ ଚାଷୀମାନଙ୍କ ଶସ୍ୟ ଶୀତଳ ଭଣ୍ଡାରରେ କିପରି ସଂରକ୍ଷିତ ରଖାଯାଇପାରିବ, ସେଥିପାଇଁ ଆମ ସରକାର ଯତ୍ନଶୀଳ । ଏଥିପାଇଁ ଅଚଳ ହୋଇଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ 2011-12 ଆର୍ଥିକ ବର୍ଷ ବଜେଟ୍‌ରେ 2୨.୨3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଶସ୍ୟ ବୀମା ଯୋଜନା ପାଇଁ 2011-12 ଆର୍ଥିକ ବର୍ଷରେ 13 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏ ପରିପ୍ରେକ୍ଷୀରେ ମୁଁ ସୁଚାଇ ଦେବାକୁ ଚାହେଁ ଯେ ମାନ୍ୟବର ସଭ୍ୟମାନେ ପୂର୍ବରୁ ଏହି ଗୃହରେ ପଞ୍ଚାୟତକୁ ୟୁନିଟ୍ ଭାବେ ଗ୍ରହଣ କରିବାକୁ ବହୁବାର ଦାବି କରି ଆସୁଥିଲେ । ଏଥିପାଇଁ ଚଳିତ ବର୍ଷ ରବି ଋତୁରେ ଧାନ ଚାଷ ପାଇଁ ବ୍ଲକ ପରିବର୍ତ୍ତେ ପଞ୍ଚାୟତକୁ ୟୁନିଟ୍ ଭାବେ ଗ୍ରହଣ କରାଯିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ।

### 10.1.4 ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ

ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗରେ **377.70** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- 2011-12 ଆର୍ଥିକ ବର୍ଷରେ ନୂଆ ପଶୁଧନ ନିରୀକ୍ଷକ କେନ୍ଦ୍ର ଖୋଲିବା ପାଇଁ 13.60 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।
- ସେହିପରି ଗୋପାଳନ ସଂସ୍ଥାର ସଶକ୍ତିକରଣ ପାଇଁ 2011-12 ଆର୍ଥିକ ବର୍ଷରେ 5.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।
- OBPI ର ସଶକ୍ତିକରଣ ଓ ଆଧୁନିକୀକରଣ ପାଇଁ 2011-12 ଆର୍ଥିକ ବର୍ଷରେ 14.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।
- ମତ୍ସ୍ୟଜୀବି ମାନଙ୍କୁ ମାଛ ଧରା ପରେ ବିପଣନ ସୁବିଧା ପାଇଁ ଆବଶ୍ୟକ ସାଜସରଞ୍ଜାମ କ୍ରୟ ନିମନ୍ତେ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ 5.54 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- BAIF ଗବେଷଣା ପ୍ରତିଷ୍ଠାନ, ପୁନାଙ୍କ ସହାୟତାରେ ଅନୁଗୋଳ, ବରଗଡ, ବଲାଙ୍ଗୀର, ନୂଆପଡା, ସମ୍ବଲପୁର, ସୋନପୁର, କଳାହାଣ୍ଡି, ବୌଦ୍ଧ, ନବରଙ୍ଗପୁର ଓ କୋରାପୁଟରେ 6 ବର୍ଷ ପାଇଁ 52.50 କୋଟି ଟଙ୍କା ବ୍ୟୟରେ

100ଟି ସମନ୍ୱିତ ପଶୁଧନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି । ଏଥି ପାଇଁ ଆଗାମୀ ବର୍ଷ ବଜେଟରେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**10.1.5 ଜଙ୍ଗଲ ଓ ପରିବେଶ ବିଭାଗ**

ଜଙ୍ଗଲ ଓ ପରିବେଶ ବିଭାଗ ପରିବେଶର ସୁରକ୍ଷା ସଙ୍ଗେ ସଙ୍ଗେ ରାଜ୍ୟ ଅର୍ଥନୀତି ବିଶେଷକରି ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କର ଆର୍ଥିକ ସ୍ଥିତିର ଉନ୍ନତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ **609.61** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- JICA ସହାୟତାରେ ଓଡିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ (Orissa Forest Sector Development Project) ପାଇଁ 100.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ଅଧୀନରେ ଜଙ୍ଗଲ ଜମି ସୃଷ୍ଟି ପାଇଁ ଏବଂ ଜଙ୍ଗଲ ବାହାରେ ଚାରା ଗଛ ବଣ୍ଟନ ପାଇଁ ଏକ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି ।
- ଟାଙ୍ଗରା ପାହାଡ / ପର୍ବତରେ ବୃକ୍ଷ ରୋପଣ ନିମନ୍ତେ 5.43 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ପ୍ରକୃତି ଭବନ ନିର୍ମାଣ ପାଇଁ 3.00 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ହସ୍ତୀ ସୁରକ୍ଷା ଯୋଜନା ପାଇଁ 4.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 10.2 ସାମାଜିକ ସେବା କ୍ଷେତ୍ର

### 10.2.1 **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ**

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ମୋଟ **1451.66** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଏ ପବିତ୍ର ଗୃହର ମାନ୍ୟବର ସଦସ୍ୟ ସଦସ୍ୟା ମାନଙ୍କର ଦାବିକୁ ଆଖି ଆଗରେ ରଖି ଆମ ସରକାର ରୋଗୀମାନଙ୍କ ପଥି ଓ ଔଷଧ ଯୋଗାଣ ପାଇଁ ବ୍ୟୟ ବରାଦ ପୂର୍ବ ବର୍ଷ ତୁଳନା ରେ ଦୁଇ ଗୁଣରୁ ଅଧିକ କରିଛନ୍ତି ।
- ସେ ଅନୁସାରେ ଅଣଯୋଜନା କ୍ଷେତ୍ରରେ ରୋଗୀମାନଙ୍କୁ ପଥି ଏବଂ ଔଷଧ ଯୋଗାଇବା ପାଇଁ ଯଥାକ୍ରମେ 15.41 କୋଟି ଟଙ୍କା ଏବଂ 50.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରକୁ ଅନୁଦାନ ବାବଦରେ 7.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ହାଉସ ସର୍ଜନ ଓ ଉପାଧ୍ୟୁତ୍ତର ତଥା ଅନ୍ୟାନ୍ୟ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡ ପାଇଁ 27.63 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।
- ଡ଼ି.ଏଫ୍.ଆଇ.ଡ଼ି ସହାୟତାରେ ସ୍ୱାସ୍ଥ୍ୟ କ୍ଷେତ୍ର ଉନ୍ନତି ପାଇଁ ୫0.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ପାଇଁ ରାଜ୍ୟ ଅଂଶ ବାବଦରେ 64.00 କୋଟି ଟଙ୍କା ବ୍ୟୟ ବରାଦ କରାହୋଇଛି।
- କୁଷ୍ଠାଶ୍ରମ ଗୁଡିକର ପୁନରୁଦ୍ଧାର ପାଇଁ 1.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଗ୍ରାମାଞ୍ଚଳରେ "ମୋ ମଶାରୀ" ଯୋଜନା ପାଇଁ 3.00 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।
- ଆପଦ କାଳୀନ ସ୍ୱାସ୍ଥ୍ୟ ସେବା (Emergency Health Service) ପାଇଁ 4.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଭୁକ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅନ୍ୟାନ୍ୟ କୋଠାବାଡି ଓ ତିନୋଟି ଭେଷଜ ମହାବିଦ୍ୟାଳୟ ଓ ସଂଲଗ୍ନ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ 33.83 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

10.2.2 **ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ**

ଶିକ୍ଷା ମାନବ ସମ୍ବଳ ବିକାଶର ଏକ ମୁଖ୍ୟ ମାପ କାଠି ଅଟେ । ସମସ୍ତଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ଆମ ସରକାରର ଅନ୍ୟତମ ମୂଳ ଲକ୍ଷ୍ୟ । ଯୋଜନା ଓ ଅଣ-ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ମୋଟ **5315.44** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଆପଣମାନେ ଜାଣି ଖୁସି ହେବେ ଯେ 2011-12 ଆର୍ଥିକ ବର୍ଷରେ 2 ଗୋଟି ନୂତନ ପରିଯୋଜନା ଯଥା "ଗ୍ରାମାଞ୍ଚଳ

ଗଣିତ ମେଧା ଅନ୍ୱେଷଣ- ଛାତ୍ରବୃତ୍ତି" ଏବଂ ସରକାରୀ ତଥା ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ "ଦଶମ ଶ୍ରେଣୀର ବାଳିକାମାନଙ୍କୁ ମାଗଣାରେ ସାଇକେଲ ବଣ୍ଟନ" କାର୍ଯ୍ୟକାରୀ ହେବ ଏବଂ ଏଥି ପାଇଁ ଯଥାକ୍ରମେ 20.00 କୋଟି ଏବଂ 45 କୋଟି ଟଙ୍କା ରାଜ୍ୟ ଯୋଜନାରେ ବ୍ୟବସ୍ଥା ହୋଇଛି ।

- ସର୍ବଶିକ୍ଷା ଅଭିଯାନ (SSA) ନିମନ୍ତେ ରାଜ୍ୟ ଅଂଶ ବାବଦକୁ 667.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ନିମନ୍ତେ ରାଜ୍ୟ ଅଂଶ ବାବଦକୁ 145.00 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ରାଜ୍ୟର ପଛୁଆ ଜିଲ୍ଲାମାନଙ୍କରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ଅଂଶ ବାବଦକୁ 40.77 କୋଟି ଟଙ୍କାର ବ୍ୟବସ୍ଥା ରହିଛି ।
- ବହୁବର୍ଷ ପରେ ପ୍ରାଥମିକ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପ୍ରଦତ୍ତ ବୃତ୍ତିର ପରିମାଣ ଏବଂ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାକୁ ଯଥେଷ୍ଟ ବୃଦ୍ଧି କରାଯିବାକୁ ନିଷ୍ପତି ନିଆଯାଇଛି । ଏଥିପାଇଁ ବଜେଟ୍‌ରେ ୨0.00 ଲକ୍ଷ ଟଙ୍କାର ପ୍ରସ୍ତାବ ରଖାଯାଇଛି ।

10.2.3 **ଉଚ୍ଚ ଶିକ୍ଷା ବିଭାଗ**

ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ପାଇଁ ମୋଟ **1126.06** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ଯଥାକ୍ରମେ 50.00 କୋଟି ଓ 3.00 କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।
- ନୂତନଭାବେ ଯୋଗ୍ୟ ବିବେଚିତ ବେସରକାରୀ ମହାବିଦ୍ୟାଳୟକୁ ବ୍ଲକ ଅନୁଦାନ ଭାବେ 126.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଛାତ୍ରବୃତ୍ତି ନିମନ୍ତେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଜ୍ୟର ପଛୁଆ ଜିଲ୍ଲାମାନଙ୍କରେ ଆଦର୍ଶ ମହାବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ଅଂଶ ବାବଦକୁ 16.20 କୋଟି ଟଙ୍କାର ବ୍ୟବସ୍ଥା ରହିଛି ।
- ଦୀର୍ଘ ବର୍ଷ ହେଲା ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କର ବୃତ୍ତିର ପରିମାଣ ଅପରିବର୍ତ୍ତିତ ରହିଥିଲା । ବାସ୍ତବ ଦୃଷ୍ଟି କୋଣରୁ ବିଚାର କରି ଏହାର ପରିମାଣ ଓ ହିତାଧିକାରୀଙ୍କ ସଂଖ୍ୟାକୁ ବୃଦ୍ଧି କରାଯାଇଛି, ଯାହା ଫଳରେ ଅଧିକ ସଂଖ୍ୟକ ଗରିବ ଓ ମେଧାବୀ ଛାତ୍ର ମାନେ ଉଚ୍ଚ ଶିକ୍ଷା ଲାଭ କରିବାକୁ ସକ୍ଷମ ହୋଇପାରିବେ । ଏ ବାବଦକୁ ଚଳିତ ବର୍ଷ 64.00 ଲକ୍ଷ ଟଙ୍କା ବ୍ୟୟ ବରାଦ ଥିଲାବେଳେ ଆଗାମୀ ବର୍ଷ ପାଇଁ ବଜେଟ୍ ରେ 6.03 କୋଟି ଟଙ୍କାର ବ୍ୟୟ ବରାଦ କରାହୋଇଛି ।

10.2.4 **ପଞ୍ଚାୟତିରାଜ ବିଭାଗ**

ପଞ୍ଚାୟତିରାଜ ବିଭାଗରେ ଯୋଜନା ଓ ଅଣଯୋଜନା ପାଇଁ ମୋଟ **2181.74** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ପଞ୍ଚାୟତସଂସ୍ଥା ଗୁଡିକୁ ଅନୁଦାନ ବାବଦରେ 404.53 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- ସେହିପରି ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶକ୍ରମେ ପଞ୍ଚାୟତ ସଂସ୍ଥା ଗୁଡିକୁ ପାଣ୍ଠି ହସ୍ତାନ୍ତର(Devolution), କ୍ଷତିପୂରଣ ଓ ସମର୍ପଣ (Compensation & Assignment) ଏବଂ ଅନୁଦାନ (GIA) ବାବଦରେ ମୋଟ 584.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଯେଉଁ 11 ଗୋଟି ଜିଲ୍ଲାରେ ପଛୁଆ ଅଞ୍ଚଳ ଉନ୍ନୟନ ପାଣ୍ଠି (BRGF) ଯୋଜନା କାର୍ଯ୍ୟକାରୀ ହେଉ ନାହିଁ ସେ ସବୁ ଜିଲ୍ଲାରେ ଉନ୍ନୟନ ମୂଳକ କାର୍ଯ୍ୟରେ ସହାୟତା ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା (GGY) ଜରିଆରେ 165.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।
- ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତାରେ ପଛୁଆ ଅଞ୍ଚଳ ଉନ୍ନୟନ ପାଣ୍ଠି (BRGF) କାର୍ଯ୍ୟକ୍ରମ 19 ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଏହା ପଛୁଆ ଅଞ୍ଚଳରେ ଭିତ୍ତିଭୂମି ଓ ସାମର୍ଥ୍ୟ ସୃଷ୍ଟିପାଇଁ ଅଭିପ୍ରେତ । ଏଥିପାଇଁ ବଜେଟ୍ ରେ 324.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କୁ ଘର ଯୋଗାଇ ଦେବାପାଇଁ ଇନ୍ଦିରା ଆବାସ ଯୋଜନାରେ ରାଜ୍ୟ ଅଂଶ ବାବଦକୁ 130.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ମୋ କୁଡିଆ' ଯୋଜନା ପାଇଁ ବଜେଟ୍ ରେ 60.00 କୋଟି ଟଙ୍କା ବ୍ୟବସ୍ଥା ରଖାଯାଇଛି ।
- ବିଶ୍ୱବ୍ୟାଙ୍କ ସହାୟତାରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ଓ ଭିତ୍ତିଭୂମି ନିର୍ମାଣ ଯୋଜନା (TRIPTI) ପାଇଁ 40.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଜ୍ୟର ସମସ୍ତ ଜିଲ୍ଲାରେ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ଗ୍ରାମ୍ୟ ନିଯୁକ୍ତି ଯୋଜନା (MGNREGS) ର ରାଜ୍ୟ ଅଂଶ ବାବଦରେ 150.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- ପଞ୍ଚାୟତରେ ଗମନାଗମନର ଉନ୍ନତି ପାଇଁ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବଜେଟ୍ ରେ 100.00 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ଗ୍ରାମପଞ୍ଚାୟତ ରାସ୍ତା ଓ ଅଣଆବାସିକ କୋଠାବାଡିର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ଯଥାକ୍ରମେ 100.00 କୋଟି ଓ 3.75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ 56.24 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

10.2.5 **ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ**

ରାଜ୍ୟ ସରକାର ଆଦିବାସୀ ଓ ହରିଜନ, ସଂଖ୍ୟାଲଘୁ ଓ ଅନ୍ୟ ପଛୁଆ ବର୍ଗ ଲୋକଙ୍କ ଉନ୍ନତି ପାଇଁ ଅନେକ ଗୁଡିଏ ଜନମଙ୍ଗଳକାରୀ ପଦକ୍ଷେପ ଯଥା ଛାତ୍ରବୃତ୍ତିର ଅର୍ଥରାଶି ବୃଦ୍ଧି, ହାଇସ୍କୁଲ ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ ଆଦି ପଦକ୍ଷେପ ନେଇଛନ୍ତି । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ବଜେଟ୍‌ରେ ସମୁଦାୟ **1286.33** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଉଭୟ ଛାତ୍ର ଓ ଛାତ୍ରୀ ମାନଙ୍କ କ୍ଷେତ୍ରରେ ବୃତ୍ତି ରାଶିକୁ ମାସିକ ଏକଶତ ଟଙ୍କା ହିସାବରେ ଆସନ୍ତା ବର୍ଷରୁ ବୃଦ୍ଧି କରାଯାଇଛି ଏବଂ ଏ ବାବଦକୁ ଯୋଜନା ଓ ଅଣ ଯୋଜନାକୁ ମିଶାଇ ୨୫୩.୫୬ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।
- ଅଣ ଯୋଜନା କ୍ଷେତ୍ରରେ ଆବାସିକ ଓ ଅଣ ଆବାସିକ ଗୃହର ପରିଚାଳନା, ସ୍ୱତନ୍ତ୍ର ମରାମତି, ରକ୍ଷଣାବେକ୍ଷଣ ଇତ୍ୟାଦି ପାଇଁ 30.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ଆଦିବାସୀ ଛାତ୍ରୀ ନିବାସ ନିର୍ମାଣ ପାଇଁ 215.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- ଏହି ବିଭାଗରେ କେବିକେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର ଯୋଜନା ପାଇଁ ୨୫.00 କୋଟି ଟଙ୍କାର ବ୍ୟୟ ବରାଦ

କରାଯାଇଛି । ଅନ୍ୟ ପକ୍ଷରେ ଆଦିବାସୀ ଅଞ୍ଚଳ ଉପଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଇଁ 119.49 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

10.2.6 **ମହିଳା ଓ ଶିଶୁ ବିକାଶ ବିଭାଗ**

ଆମ ସରକାର ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ନିରାଶ୍ରୟମାନଙ୍କ କଲ୍ୟାଣ ସହିତ ମହିଳାମାନଙ୍କର ସଶକ୍ତିକରଣ ପାଇଁ ଅଙ୍ଗୀକାରବଦ୍ଧ । ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏଥିପାଇଁ **2517.51** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରକୁ ମିଶାଇ ମଧୁବାବୁ ପେନସନ୍ ଯୋଜନା ପାଇଁ 334.02 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।
- ଆପଣମାନେ ଜାଣି ଖୁସି ହେବେ ଯେ ଗର୍ଭବତୀ ମହିଳା ତଥା ସଦ୍ୟ ପ୍ରସୂତୀ ମହିଳା ଏବଂ ତାଙ୍କ ଶିଶୁମାନଙ୍କ କଲ୍ୟାଣ ପାଇଁ ଇନ୍ଦିରାଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା ନାମକ ନୂତନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଏଥିପାଇଁ 2011-12 ଆର୍ଥିକ ବର୍ଷ ନିମନ୍ତେ 23.81 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସେହିପରି କିଶୋରୀ ପୁଷ୍ଟି ଯୋଜନା ଏବଂ କିଶୋରୀ ଶକ୍ତି ଯୋଜନାକୁ ମିଶାଇ "ରାଜୀବ ଗାନ୍ଧୀ କିଶୋରୀ ସଶକ୍ତିକରଣ ଯୋଜନା" କେନ୍ଦ୍ରୀୟ ଯୋଜନା ଭାବରେ 2011-12 ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ଅଛି ଏବଂ

ଏଥିପାଇଁ ବଜେଟ୍ ରେ 50.00 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ।

- ବର୍ତ୍ତମାନ ରାଜ୍ୟରେ ଉତ୍କଳ ବାଳାଶ୍ରମ ନାମରେ ପୁରୀ, ବାଲେଶ୍ୱର, କଟକ, ଯାଜପୁର, ନବରଙ୍ଗପୁରଠାରେ 6 ଗୋଟି ବାଳାଶ୍ରମ ରାଜ୍ୟ ସରକାରଙ୍କର ସହାୟତାରେ ଚାଲୁ ରହିଛି । ଏଗୁଡିକ ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଅଛି । ଏଗୁଡିକର ନବୀକରଣ ପାଇଁ ରାଜ୍ୟ ଯୋଜନାରେ 2011-12 ଆର୍ଥିକ ବର୍ଷ ପାଇଁ 5.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଶାରିରୀକ ଅକ୍ଷମ ଓ ମାନସିକ ଅନଗ୍ରସର ପିଲାମାନଙ୍କର ରକ୍ଷଣାବେକ୍ଷଣ ପାଇଁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଅନୁଦାନ ନିମନ୍ତେ ୨.୫୩ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ।
- ଅତିରିକ୍ତ ପୁଷ୍ଟି ଯୋଜନାରେ (SNP) 2011-12 ଆର୍ଥିକ ବର୍ଷରେ 240.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ (MDM) ପାଇଁ 2011-12 ଆର୍ଥିକ ବର୍ଷରେ 159.50 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

**10.2.7 ଶ୍ରମ ଓ ନିୟୋଜନ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଶ୍ରମ ଓ ନିୟୋଜନ ବିଭାଗ ପାଇଁ ମୋଟ **65.56** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କ ପାଇଁ କୌଣସି ସ୍ୱାସ୍ଥ୍ୟ ସେବା ସୁବିଧା ନାହିଁ କିମ୍ବା କୌଣସି ବୀମା ସୁରକ୍ଷା ନାହିଁ । ଗରିବ ଲୋକଙ୍କୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଜରିଆରେ ଚିକିତ୍ସାଖର୍ଚ୍ଚ ଯୋଗାଇ ଦେବାପାଇଁ 25 ପ୍ରତିଶତ ରାଜ୍ୟ ଅଂଶ ବାବଦରେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 10.3 ଅର୍ଥନୈତିକ ସେବା

### 10.3.1 **ଶିଳ୍ପ ବିଭାଗ**

ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଶିଳ୍ପ ବିଭାଗ ପାଇଁ ମୋଟ **402.45** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ବିଭିନ୍ନ ଯାନ୍ତ୍ରିକ ମହା ବିଦ୍ୟାଳୟ ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଏବଂ ଓଡିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡକୁ ଯଥାକ୍ରମେ ୩୪.୫୨ କୋଟି ଏବଂ 6.56 କୋଟି ଟଙ୍କା ଅନୁଦାନ ପ୍ରଦାନ ପାଇଁ ବ୍ୟୟ ବରାଦ କରାଯାଇଛି ।
- ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ବାଲେଶ୍ୱର ଠାରେ ଅଗ୍ରଣୀ ପ୍ଲାଷ୍ଟିକ୍ ପ୍ରକ୍ରିୟା କରଣ ବୈଷୟିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ୩.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟ ପରିଚାଳିତ ମହାବିଦ୍ୟାଳୟ ମାନଙ୍କୁ ଅନୁଦାନ ପାଇଁ ୨.00 କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।

- ଭିତ୍ତିଭୂମି ଉନ୍ନୟନ ପାଇଁ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ IGIT ସାରଙ୍ଗକୁ ଯଥାକ୍ରମେ 2.40 କୋଟି ଏବଂ 2.10 କୋଟି ଟଙ୍କାର ଅନୁଦାନ ପାଇଁ ବ୍ୟବସ୍ଥା ରହିଛି ।

### 10.3.2 **ହସ୍ତତନ୍ତ ବିଭାଗ**

ହସ୍ତତନ୍ତ ଓଡିଶାର ଏକ ପାରଂପରିକ ଗ୍ରାମୀଣ କୁଟୀରଶିଳ୍ପ । କୃଷି ପରେ ହସ୍ତତନ୍ତ ଶିଳ୍ପ ସର୍ବାଧିକ କର୍ମ ସଂସ୍ଥାନ ଗ୍ରାମୀଣ ଲୋକଙ୍କୁ ଯୋଗାଇ ଥାଏ । ଓଡିଶାର ହସ୍ତତନ୍ତ ପ୍ରସ୍ତୁତ ଦ୍ରବ୍ୟ ତାର ଉଚ୍ଚକୋଟିର ନକ୍ସା, ରଂଗ, କଳାନୈପୁଣ୍ୟ ତଥା ସୌଂଦର୍ଯ୍ୟ ଓ ଦୀର୍ଘସ୍ଥାୟୀତ୍ୱ ପାଇଁ ଦେଶ ବିଦେଶରେ ଆଦୃତ । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ମୋଟ **101.89** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ହସ୍ତତନ୍ତ ଓ ରେଶମ ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ଯୋଜନାରେ ଯଥାକ୍ରମେ 11.15 କୋଟି ଏବଂ 5.20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଭୁବନେଶ୍ୱର ଠାରେ NIFT ପ୍ରତିଷ୍ଠା ପାଇଁ 2011-12 ବର୍ଷ ବଜେଟରେ ରାଜ୍ୟ ଯୋଜନା କ୍ଷେତ୍ରରେ 35.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 10.3.3 **ବିଜ୍ଞାନ ଓ କାରିଗରୀ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ବିଜ୍ଞାନ ଓ କାରିଗରୀ ବିଭାଗ ପାଇଁ ମୋଟ **35.00** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜୈବ ପ୍ରଯୁକ୍ତି ବିଦ୍ୟାର ବିକାଶ ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ 1.00 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ପଠାଣି ସମାନ୍ତ ପ୍ଲାନେଟୋରୀୟମର ଆଧୁନିକୀକରଣ ପାଇଁ 5.95 କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

10.3.4 **ସୂଚନା ପ୍ରଯୁକ୍ତି ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଭାଗ ପାଇଁ ମୋଟ **111.17** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- OCAC Incubation Tower ପାଇଁ 2011-12 ବଜେଟ୍‌ରେ 4.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- IIITର ଭିତ୍ତିଭୂମି ଉନ୍ନୟନ ପାଇଁ 2011-12 ବଜେଟ୍‌ରେ 18.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- Infocity-II IT SEZ ର ଉନ୍ନୟନ ପାଇଁ 6.56 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

10.3.5 **ସରକାରୀ ଉଦ୍ୟୋଗ ବିଭାଗ**

ଓଡ଼ିଶା ରାଜ୍ୟ ନବୀକରଣୀୟ ପାଣ୍ଠିର କର୍ପସ ପାଇଁ ଚଳିତ ବଜେଟ୍‌ରେ 6.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 10.3.6 **ଯୋଜନା ଓ ସମନ୍ୱୟ ବିଭାଗ**

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଯୋଜନା ଓ ସମନ୍ୱୟ ବିଭାଗ ପାଇଁ ମୋଟ **1230.00** କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ।

- କେ.ବି.କେ ଭଳି ଦେଶର ଅନ୍ୟତମ ଅତି ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ଆମେ ଆମ ସମ୍ବଳରୁ ବିଜୁ କେ.ବି.କେ. ଯୋଜନା ଚାଲୁ ରଖିବା ପାଇଁ 120.00 କୋଟି ଟଙ୍କାର ବ୍ୟୟ ବରାଦ କରିଛୁ ।
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ବିଜୁ କନ୍ଧମାଳ ଗଜପତି ଯୋଜନା ପାଇଁ ଯଥାକ୍ରମେ ୫0.00 କୋଟି ଏବଂ 2୫.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- 15ଟି ଆଦିବାସୀ ଓ ପଛୁଆ ଜିଲ୍ଲାରେ ସମନ୍ୱିତ କାର୍ଯ୍ୟ ଯୋଜନା (Integrated Action Plan) ପାଇଁ ବଜେଟ୍‌ରେ ପ୍ରଥମ ଥର ପାଇଁ 450.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### **10.3.7 ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ମୋଟ **1026.32** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଦୁଇବର୍ଷ ତଳେ ରାଜ୍ୟର ଗରିବ ଏବଂ ଦୁଃସ୍ଥ ପରିବାର ଗୁଡ଼ିକୁ କିଲୋ ପିଛା 2 ଟଙ୍କା ହାରରେ ଚାଉଳ ଯୋଗାଇ

ଦେବାପାଇଁ ଆମ୍ଭେ ଏକ ବଳିଷ୍ଠ ପଦକ୍ଷେପ ନେଇଥିଲୁ । ଖାଦ୍ୟ ନିରାପତ୍ତା ପାଇଁ ଆମ ଅଙ୍ଗୀକାର ବଦ୍ଧତା ପରିପ୍ରେକ୍ଷୀରେ ଏଥିପାଇଁ ଚଳିତ ବର୍ଷ ୨76.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

10.3.8 **ପରିବହନ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ପରିବହନ ବିଭାଗ ପାଇଁ ମୋଟ **37.78** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାସ୍ତା ଦୁର୍ଘଟଣା ସମୟରେ ଆହତ ବ୍ୟକ୍ତି ମାନଙ୍କୁ ତତ୍କାଳ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ସରକାର 15 ଟି ଆମ୍ବୁଲାନ୍ସ ଗାଡି କ୍ରୟ କରିବା ପାଇଁ 2011-12 ଆର୍ଥିକ ବର୍ଷରେ ୨0.00 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ।
- ନୂତନ ଭାବେ ଖୋଲାଯାଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟମାନଙ୍କୁ କାର୍ଯ୍ୟକ୍ଷମ କରିବା ସହିତ ନିର୍ମାଣାଧୀନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡିକର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ 2.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।
- 2nd MACT, ବ୍ରହ୍ମପୁରଙ୍କ ନିଜସ୍ୱ ଅଫିସ ଗୃହ ଓ କର୍ମଚାରୀ ମାନଙ୍କ ନିମିତ୍ତ ବାସଗୃହ ନିର୍ମାଣ କରାଯିବା ପାଇଁ 1.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପାଇଁ 16.00 କୋଟି ଟଙ୍କା ବ୍ୟୟରେ 100 ଗୋଟି ନୂତନ ବସ କିଣାଯିବ ଓ

ଏଥିସହ  Vehicle Tracking System, Control Room ଓ Support Facility ର ବ୍ୟବସ୍ଥା କରାଯିବ ।

**10.3.9 ବାଣିଜ୍ୟ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ବାଣିଜ୍ୟ ବିଭାଗ ପାଇଁ ମୋଟ **54.20** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଓଡିଶା ସରକାରୀ ମୁଦ୍ରଣାଳୟର ପର୍ଯ୍ୟାୟକ୍ରମେ ଆଧୁନୀକିକରଣ ନିମନ୍ତେ ପଦକ୍ଷେପ ନିଆଯାଉଛି । ସେଥିପାଇଁ ନୂତନ ଆଧୁନିକ ଯନ୍ତ୍ରପାତି କ୍ରୟ ତଥା ଭୁବନେଶ୍ୱରସ୍ଥିତ  ଶାଖାର ଉନ୍ନତିକରଣ ପାଇଁ  2.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।
- ମୋଟର ଲଞ୍ଚ କିଣିବା ତଥା ପୂର୍ବରୁ ଚାଲୁଥିବା ମୋଟର ଲଞ୍ଚ ଗୁଡିକର ମରାମତି ପାଇଁ 65 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ନାବାର୍ଡ ସହାୟତାରେ କାର୍ଯ୍ୟକାରୀ ହେଉଥିବା 14 ଟି ଜେଟି ଓ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ 1.60 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**10.4 ଭିତ୍ତିଭୂମି ଉନ୍ନୟନ କ୍ଷେତ୍ର**

10.4.1 **ପୂର୍ତ୍ତ ବିଭାଗ**

ରାସ୍ତା ଓ ଭିତ୍ତିଭୂମିର ଉନ୍ନୟନ ଅର୍ଥନୈତିକ ଅଭିବୃଦ୍ଧିର ଏକ ମୁଖ୍ୟ ପରିମାପକ ଅଟେ । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ପୂର୍ତ୍ତ

ବିଭାଗ ପାଇଁ ସମୁଦାୟ **2130.38** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଏଥି ମଧ୍ୟରୁ ଅଣଯୋଜନା କ୍ଷେତ୍ରରେ ମୁଖ୍ୟତଃ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ, ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉନ୍ନତି କରଣ, ଜିଲ୍ଲା ସଦର ମହକୁମାରେ ଥିବା ରାସ୍ତାର ଉନ୍ନତି କରଣ, ରାଜଧାନୀ ରାସ୍ତାର ଉନ୍ନତି କରଣ, ଗୁରୁତ୍ୱପୂର୍ଣ୍ଣ ଓ ଐତିହ୍ୟ ସମ୍ପନ୍ନ ଅଣ ଆବାସିକ ସରକାରୀ କୋଠାବାଡିର ମରାମତି ପାଇଁ ଯଥାକ୍ରମେ 67.00 କୋଟି, 20.00 କୋଟି, 57.50 କୋଟି, 3୪.33 କୋଟି ଏବଂ 23.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ପାଇଁ 330.00 କୋଟି, କେନ୍ଦ୍ରୀୟ ରାସ୍ତା ପାଣ୍ଠି ପ୍ରକଳ୍ପ ପାଇଁ ୪3.1୪ କୋଟି ଓ ବହିଃ ସାହାଯ୍ୟ ପ୍ରକଳ୍ପ ପାଇଁ 150.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- କ୍ରୀଡା ଷ୍ଟାଡିୟମ ଓ Complex ଏବଂ କ୍ରୀଡା ଛାତ୍ରାବାସର ମରାମତି ନିମନ୍ତେ 3.45 କୋଟି ଟଙ୍କାର ବ୍ୟବସ୍ଥା ଅଛି ।
- ଅଣ ଆବାସିକ ସରକାରୀ କୋଠାବାଡିର ସ୍ୱତନ୍ତ୍ର ମରାମତି ପାଇଁ 41.75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ପୁରାତନ ସରକାରୀ ବିଦ୍ୟାଳୟ ଏବଂ ମହା ବିଦ୍ୟାଳୟ ଗୁଡିକର ମରାମତି ପାଇଁ 20.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜଧାନୀ ଭୁବନେଶ୍ୱରର ସରକାରୀ ଆବାସିକ କୋଠାବାଡି (Govt. Quarters) ର ସ୍ୱତନ୍ତ୍ର ମରାମତି ପାଇଁ 17.25 କୋଟି ଟଙ୍କାର ବ୍ୟବସ୍ଥା ରହିଛି ।

### 10.4.2 **ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

ଗ୍ରାମାଞ୍ଚଳରୁ ନଗରାଞ୍ଚଳକୁ ଆସୁଥିବା ଜନ ସଂଖ୍ୟାର ଅହେତୁକ ବୃଦ୍ଧି ରାଜ୍ୟ ସରକାରଙ୍କ ପାଇଁ ଏକ ଚିନ୍ତାର ବିଷୟ ଅଟେ । ସେ ଦୃଷ୍ଟିରୁ ନଗରାଞ୍ଚଳର ଭିତ୍ତିଭୂମି ଉନ୍ନୟନ ତଥା ପର୍ଯ୍ୟାପ୍ତ ନାଗରିକ ସୁବିଧାର ଆବଶ୍ୟକତା ରହିଛି । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ମୋଟ **1582.17** କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଅଣଯୋଜନା ଖର୍ଚ୍ଚ ମଧ୍ୟରେ ମୁଖ୍ୟତଃ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ 75.18 କୋଟି ଟଙ୍କା ଏବଂ ନଗରାଞ୍ଚଳ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବିଦ୍ୟୁତ୍ ଦେୟ ବାବଦରେ 60.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ନଗରାଞ୍ଚଳ ଜଳ ଯୋଗାଣ ଓ ପରିମଳ ପାଇଁ 80.00 କୋଟି ଟଙ୍କା ଏବଂ ବହିଃ ସାହାଯ୍ୟ ପ୍ରାପ୍ତ (EAP) ଅନ୍ତର୍ଗତ ଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥା ପାଇଁ 100.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ସହରାଞ୍ଚଳରେ ରାସ୍ତା ଓ ପୋଲର ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ 43.75 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶକ୍ରମେ ସ୍ଥାନୀୟ ନିକାୟ ସଂସ୍ଥା (ULBs) ଗୁଡିକୁ ପାଣ୍ଠି ହସ୍ତାନ୍ତର(Devolution), କ୍ଷତିପୂରଣ ଓ ସମର୍ପଣ (Compensation & Assignment) ଏବଂ ଅନୁଦାନ (GIA) ବାବଦରେ 394.44 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଭୁବନେଶ୍ୱର ଓ କଟକର ଶୁଷ୍କ ଜଳଉତ୍ସ ମାନଙ୍କର ପୁନରୁଦ୍ଧାର ପାଇଁ 5.00 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

### 10.4.3 **ଗ୍ରାମ୍ୟ ଉନ୍ନୟନ ବିଭାଗ**

ଗ୍ରାମ୍ୟ ଉନ୍ନୟନ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସର୍ବମୋଟ **1557.39** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣଯୋଜନା କ୍ଷେତ୍ରରେ ମୁଖ୍ୟତଃ ପୁରାତନ ଅଣ ଆବାସିକ ଗୃହଗୁଡିକର ମରାମତି ଏବଂ ରାସ୍ତା ଓ ସେତୁ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ 41.79 କୋଟି ଓ 67.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ଯୋଜନା କ୍ଷେତ୍ରରେ ଅଣ ଆବାସିକ ଗୃହର ନିର୍ମାଣ, ଆବାସିକ ଗୃହର ନିର୍ମାଣ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ପାଇଁ ରାଜ୍ୟ ଅଂଶ ବାବଦରେ ଯଥାକ୍ରମେ 7.50 କୋଟି, 6.00 କୋଟି, 190.00 କୋଟି ଓ 190.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଭୁକ୍ତ ରାସ୍ତାର ମରାମତି ପାଇଁ 45.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଗ୍ରାମାଞ୍ଚଳରେ ଅବସ୍ଥିତ ପୁରାତନ ସରକାରୀ ବିଦ୍ୟାଳୟ ଗୁଡ଼ିକର ମରାମତି ପାଇଁ 20.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 10.4.4 **ଶକ୍ତି ବିଭାଗ**

ଶକ୍ତି ବିଭାଗ ରାଜ୍ୟର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଥାଏ । ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସମୁଦାୟ **525.80** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- 2010-11 ଆର୍ଥିକ ବର୍ଷରେ ବିଦ୍ୟୁତ ବଣ୍ଟନ କ୍ଷେତ୍ରର ଉନ୍ନତି ଓ ସୁଦୃଢ଼ିକରଣ ପାଇଁ 205.00 କୋଟି ଟଙ୍କାର ବ୍ୟୟ ବରାଦ ଥିବା ବେଳେ 2011-12 ଆର୍ଥିକ ବର୍ଷରେ ଏହା 325.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ପାଇଁ 50.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ନଗରାଞ୍ଚଳରେ ଥିବା ୱାର୍ଡ, ଗ୍ରାମ ଓ ବସ୍ତିରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାର ଗୁଡିକର ଗୃହକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ବିଜୁ ସହରାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା ଚାଲୁରହିଛି ଏବଂ ଏଥି ପାଇଁ ବଜେଟ୍‌ରେ 20.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଶାମୁକା ବେଳାଭୂମିର ବିଦ୍ୟୁତୀକରଣ ପାଇଁ 5.00 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।
- ଶକ୍ତି ସଂରକ୍ଷଣ ପାଇଁ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଆଇ.ଆଇ.ଟି,ଭୁବନେଶ୍ୱର (IIT,Bhubaneswar) ର ବିଦ୍ୟୁତୀକରଣ ପାଇଁ ୫.00 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

10.5. **ସାଧାରଣ ସେବା**

10.5.1 **ଗୃହ ବିଭାଗ**

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଗୃହ ବିଭାଗ ପାଇଁ ମୋଟ **2024.58** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ମୁଖ୍ୟତଃ ପୋଲିସ ବାହିନୀର ଆଧୁନିକୀକରଣ, ଗ୍ରାମରକ୍ଷୀ ମାନଙ୍କର ମାସିକ ଭତ୍ତା,

ନିରାପତ୍ତା ଜନିତ ଖର୍ଚ୍ଚ, ଗୃହରକ୍ଷୀଙ୍କ ଦୈନିକ ଭତ୍ତା ଏବଂ କାରାଗାର କଏଦୀ ମାନଙ୍କର ଖାଦ୍ୟ ପାଇଁ ଯଥାକ୍ରମେ ୩୪.00 କୋଟି, 16.00 କୋଟି, 146.0୫ କୋଟି, ୫6.00 କୋଟି ଓ 22.39 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ପୋଲିସ ସଂସ୍ଥାର ଗୃହ ନିର୍ମାଣ, ଅଗ୍ନିଶମ ସେବା ସଂସ୍ଥାର ଆବାସିକ ଗୃହ ନିର୍ମାଣ, କାରାଗାର ସଂସ୍ଥାର ଗୃହ ନିର୍ମାଣ, କାରାଗାର ର ନିରାପତ୍ତା ଜନିତ ଦ୍ରବ୍ୟ କ୍ରୟ ଓ ବିଭିନ୍ନ ନୂତନ ବିଚାରାଳୟ ଗୃହ ନିର୍ମାଣ ପାଇଁ ଯଥାକ୍ରମେ 24.33 କୋଟି, 9.21 କୋଟି, 19.97 କୋଟି, 11.67 କୋଟି ଓ 13.70 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ନୂତନ ଅଗ୍ନିଶମ କେନ୍ଦ୍ର ସ୍ଥାପନ ନିମନ୍ତେ 1୫.26 କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି ।
- ଅଗ୍ନି ନିରୋଧକ ଯନ୍ତ୍ରାଂଶ ଓ ସାମଗ୍ରୀ କ୍ରୟ ନିମନ୍ତେ 13.03 କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି ।

### 10.5.2 **ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ସମୁଦାୟ **2577.30** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣଯୋଜନା କ୍ଷେତ୍ରରେ ମୁଖ୍ୟତଃ ଅସମୟରେ ବର୍ଷାଜନିତ କ୍ଷୟକ୍ଷତିର ଭରଣା ପାଇଁ ଚାଷୀଙ୍କୁ ସହାୟତା ପ୍ରଦାନ ବାବଦରେ 240.00 କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି । ଏତଦ୍‌ବ୍ୟତୀତ ରିଲିଫ୍ ବାବଦକୁ ରାଜ୍ୟ ଦୁର୍ବିପାକ ମୁକାବିଲା ପାଣ୍ଠି ପାଇଁ 411.16 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।
- ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ 5.06 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସରକାରୀ ଭୂ-ସମ୍ପତ୍ତିର ସୁରକ୍ଷା ପାଇଁ 7.50 କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି ।

10.5.3 **ସାଧାରଣ ପ୍ରଶାସନ ବିଭାଗ**

ସାଧାରଣ ପ୍ରଶାସନ ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ମୋଟ **144.59** କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି । ଅଣ ଯୋଜନା କ୍ଷେତ୍ରରେ ମୁଖ୍ୟତଃ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠି ପାଇଁ 16.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଜିଲ୍ଲା ସ୍ତରରେ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକ୍ରମ ପ୍ରବର୍ତ୍ତନ ପାଇଁ 10.59 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ରାଜ୍ୟ ଯୋଜନା କ୍ଷେତ୍ରରେ ମାନବ ସମ୍ବଳ ପରିଚାଳନା ପାଇଁ 4.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

10.5.4 **ଆଇନ ବିଭାଗ**

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଆଇନ ବିଭାଗ ପାଇଁ ମୋଟ **175.08** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଲୋକ ଅଦାଲତ ଓ ଆଇନ ସହାୟତା ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କର ସୁପାରିଶ ମତେ 1.୨୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସେହିପରି ତ୍ରୟୋଦଶ ଅର୍ଥ କମିଶନଙ୍କର ସୁପାରିଶ ମତେ ବିକଳ୍ପ ବିବାଦ ସମାଧାନ (ADR) କେନ୍ଦ୍ର ସ୍ଥାପନ ପାଇଁ ୫.15 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କର ସୁପାରିଶ କ୍ରମେ ସକାଳୁଆ/ସାନ୍ଧ୍ୟ କାଳୀନ କୋର୍ଟ ପାଇଁ 16.65 କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି ।
- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପର୍ବପର୍ବାଣୀ ପାଳନ ନିମନ୍ତେ 1.50 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ଶ୍ରୀ ଜଗନ୍ନାଥ ମନ୍ଦିରର କର୍ପସ ପାଣ୍ଠି ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ 3.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଗ୍ରାମ୍ୟ ନ୍ୟାୟାଳୟ ପାଇଁ 1.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ହଜ କମିଟିକୁ 30.00 ଲକ୍ଷ ଟଙ୍କାର ଅନୁଦାନ ପାଇଁ ବ୍ୟବସ୍ଥା ଅଛି ।

- ୱାକଫ୍ ବୋର୍ଡ (Wakf Board)କୁ 54.00 ଲକ୍ଷ ଟଙ୍କା ଅନୁଦାନ ପାଇଁ ବ୍ୟବସ୍ଥା କରାଯାଇଛି ।

**10.6 ଅନ୍ୟାନ୍ୟ କ୍ଷେତ୍ର**

10.6.1 **ସୂଚନା ଓ ଲୋକ ସମ୍ପର୍କ ବିଭାଗ**

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଇଁ ମୋଟ **33.11** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଭିନ୍ନ ଖବର କାଗଜକୁ ବିଜ୍ଞାପନ ଦେୟ ପାଇଁ ଅଣଯୋଜନା କ୍ଷେତ୍ରରେ ମୋଟ 4.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ IITF ପାଇଁ 1.00 କୋଟି ଟଙ୍କାର ବ୍ୟୟବରାଦ ହୋଇଛି ।

**10.6.2 କ୍ରୀଡ଼ା ଓ ଯୁବସେବା ବିଭାଗ**

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ମୋଟ **38.85** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଗ୍ରାମ ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ ଯୋଜନା ପାଇଁ 12.37 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ରାଜ୍ୟ ସ୍ତରୀୟ ମେଧା ସ୍କାଉଟିଙ୍ଗ(Telent Scouting) କାର୍ଯ୍ୟକ୍ରମ ନିମନ୍ତେ ୪0.00 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

### 10.6.3 ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପାଇଁ ମୋଟ **98.11** କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜିଲ୍ଲା ଓ ବ୍ଲକ ସ୍ତରୀୟ ଦୁଃସ୍ଥ କଳାକାରଙ୍କ ଆର୍ଥିକ ସହାୟତା ନିମନ୍ତେ Revolving Fund ଗଠନ ପାଇଁ 7.78 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ପ୍ରାଚୀନ ଐତିହ୍ୟ ଓ ବୌଦ୍ଧ କିର୍ତ୍ତୀରାଜି ଗୁଡ଼ିକର ସୁରକ୍ଷା ତଥା ରକ୍ଷଣା ବେକ୍ଷଣ ପାଇଁ 16.25 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା ଅଛି ।
- ରାଜ୍ୟ ଯୋଜନାରେ ପର୍ଯ୍ୟଟନ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ 14.50 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା ରହିଛି । ଅନୁରୂପ ଭାବେ ପର୍ଯ୍ୟଟନ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନାରେ ରାଜ୍ୟ ଅଂଶ ବାବଦରେ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଜ୍ଞାପନର ଆବଶ୍ୟକତା ରହିଛି । ସେଥିପାଇଁ ରାଜ୍ୟ ଯୋଜନାରେ 13.00 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା ଅଛି ।

## 11 ବିତ୍ତୀୟ ସଂସ୍କାରର ସୁଦୃଢ଼ୀକରଣ

11.1 ତ୍ରୟୋଦଶ ଅର୍ଥ କମିଶନ ବିତ୍ତୀୟ ସଂସ୍କାର ଓ ସୁଦୃଢ଼ୀକରଣ ପାଇଁ ଏକ ମାର୍ଗଦର୍ଶୀକା ପ୍ରସ୍ତୁତ କରିଛନ୍ତି । ସେଥି ମଧ୍ୟରୁ କେତେକ ଗୁରୁତ୍ୱ ପୂର୍ଣ୍ଣ ଦିଗ ବିଷୟରେ ମୁଁ ସମ୍ୟକ ସୂଚନା ପ୍ରଦାନ କରୁଛି ।

(i) 2007-08 ରେ ଯେଉଁ ରାଜ୍ୟମାନେ ରାଜସ୍ୱ ନିଅଣ୍ଟକୁ ଶୂନ୍ୟ କରିଥିଲେ ବା ରାଜସ୍ୱ ବଳକା ସୃଷ୍ଟି କରିଥିଲେ ସେମାନେ 2011-12 ସୁଦ୍ଧା ରାଜସ୍ୱ ନିଅଣ୍ଟ ବିଲୋପ କରି ପରବର୍ତ୍ତୀ କାଳରେ ରାଜସ୍ୱ ସନ୍ତୁଳନ ବଜାୟ ରଖିବେ ।

(ii) 2007-08 ରେ ଯେଉଁ ରାଜ୍ୟମାନେ ରାଜସ୍ୱ ନିଅଣ୍ଟକୁ ଶୂନ୍ୟ କରିଥିଲେ ବା ରାଜସ୍ୱ ବଳକା ସୃଷ୍ଟି କରିଥିଲେ ସେମାନେ 2011-12 ସୁଦ୍ଧା ବିତ୍ତୀୟ ନିଅଣ୍ଟ ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦନର ଶତକଡା 3 ଭାଗରେ ସୀମିତ ରଖି ଏହି ସ୍ଥିତିକୁ ପରବର୍ତ୍ତୀ ଅବସ୍ଥାରେ ଜାରି ରଖିବେ ।

(iii) ବିତ୍ତୀୟ ସୁଦୃଢ଼ୀକରଣ ମାର୍ଗ ଅନୁଯାୟୀ ରାଜ୍ୟମାନେ 2014-15 ସୁଦ୍ଧା ତାଙ୍କର ବର୍ଦ୍ଧିଷ୍ଣୁ ଋଣ ଭାରକୁ ସାମଗ୍ରୀକ ଘରୋଇ ଉତ୍ପାଦନର ଶତକଡା 25 ଭାଗକୁ ହ୍ରାସ କରିବେ ।

11.2 ତ୍ରୟୋଦଶ ଅର୍ଥ କମିଶନଙ୍କ ସର୍ତ୍ତକୁ ଅନୁପାଳନ ନକଲେ କମିଶନ କରିଥିବା ସୁପାରିଶ ମୁତାବକ ଅଧିକାଂଶ ଅନୁଦାନ ଆମକୁ ମିଳିବ ନାହିଁ ଏବଂ ଏହା ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ଗୁଡିକର

ରୂପାୟନରେ ବାଧା ଉପୁଜିବ । ଉଦାହରଣ ସ୍ୱରୂପ କମିଶନ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ସୁପାରିଶ କରିଥିବା ଅନୁଦାନ (State Specific Grants) ଏବଂ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ସୁପାରିଶ କରିଥିବା 1144.30 କୋଟି ଟଙ୍କାର ସମ୍ପାଦନ ଭିତ୍ତିକ ଅନୁଦାନ (Performance Grants), ପାଇବା ପାଇଁ ଆମକୁ ତ୍ରୟୋଦଶ ଅର୍ଥ କମିଶନ କରିଥିବା ସର୍ତ୍ତକୁ ପାଳନ କରିବାକୁ ହେବ । ଏହା ପାଳନ ନ କଲେ ଆମେ ଅନୁଦାନ ପାଇବାରୁ ବଞ୍ଚିତ ହେବା ବୋଲି କମିଶନ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ତେଣୁ ଆମକୁ ରାଜସ୍ୱ ଖର୍ଚ୍ଚ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ସହ ରାଜସ୍ୱ ଆଦାୟ ବୃଦ୍ଧି କ୍ଷେତ୍ରରେ ବିଶେଷ ଧ୍ୟାନ ଦେବାକୁ ପଡିବ । ଏହି ସର୍ତ୍ତ ଗୁଡିକୁ ପୂରଣ କରିବା ପାଇଁ ରାଜ୍ୟ ସରକାର FRBM Act, 2005 ରେ ଆବଶ୍ୟକୀୟ ସଂଶୋଧନ ପ୍ରସ୍ତାବ ଆଗତ କରିବେ ।

## 12 ଉନ୍ନତ ବଜେଟ୍ ପରିଚାଳନା ପାଇଁ ଆନୁଷ୍ଠାନିକ ପଦକ୍ଷେପ

12.1 ଚଳିତ ବର୍ଷର ବଜେଟ୍ ଉପସ୍ଥାପନ କରିବା ସମୟରେ ମୁଁ ପୁଞ୍ଜି ସମ୍ପତ୍ତିର ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା (Annual Plan for Maintenance of Capital Assets) ନଗଦ ଅର୍ଥ ପରିଚାଳନା ପଦ୍ଧତି (Cash Management System) ମାର୍ଗଦର୍ଶୀ ବଜେଟ (Outcome Budget) ଆଦି କେତେକ ସଂସ୍କାର ମୂଳକ ପଦକ୍ଷେପ ପ୍ରଚଳନ କରାଯିବା ବିଷୟ ଘୋଷଣା କରିଥିଲି । ଏହିସବୁ ପଦକ୍ଷେପ ବଜେଟ୍ ପରିଚାଳନା ପଦ୍ଧତିକୁ ସୁଦୃଢ କରିବା ସହିତ ସରକାରୀ ଖର୍ଚ୍ଚର ମାନରେ ଉନ୍ନତି ସାଧନ ଏବଂ ଏହାର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରଚଳନ କରାଯାଇଛି । ନିଃସନ୍ଦେହରେ ସେ ସବୁର ସୁଫଳ ମିଳି ପାରିଛି । ଆମେ ଏହି ସବୁ

ପଦକ୍ଷେପ ଗୁଡିକୁ ଭବିଷ୍ୟତରେ ବଜାୟ ରଖିବା ସହିତ ଏହାର ପରିସରକୁ ବୃଦ୍ଧି କରିବାକୁ ପ୍ରୟାସ ରଖିଛୁ ।

## 12.2 **ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା**

ସରକାରୀ ଖର୍ଚ୍ଚରେ ନିର୍ମିତ ପୁଞ୍ଜି ସମ୍ପତ୍ତି ଗୁଡିକର ସଠିକ୍ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥାକରି ଏହା ମାଧ୍ୟମରେ ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇଦେବା ପାଇଁ ଆମେ ସଦା ଚେଷ୍ଟିତ । ତେଣୁ ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ବ୍ୟୟବରାଦକୁ ଯଥେଷ୍ଟ ବୃଦ୍ଧି କରାଯାଇଛି । ବାର୍ଷିକ ବଜେଟରେ ହୋଇଥିବା ବ୍ୟୟ ବରାଦକୁ ବିଭିନ୍ନ କାର୍ଯ୍ୟାତ୍ମକ ଓ ପ୍ରଶାସନିକ ୟୁନିଟରେ ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା ଅଧିନରେ ନିୟମିତ ଆବଣ୍ଟନ କରାଯିବା ଦ୍ୱାରା କେବଳ ବ୍ୟୟବରାଦକୁ ଯେ ପ୍ରତ୍ୟାଶିତ କରାଯାଇପାରିଛି ତା ନୁହେଁ ବରଂ ବ୍ୟୟ ବରାଦ କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ଆଣାଯାଇ ପାରିଛି । ପରବର୍ତ୍ତୀ ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା 2011-12 ଆର୍ଥିକ ବର୍ଷ ଆରମ୍ଭ ପୁର୍ବରୁ ଚୂଡାନ୍ତ କରାଯିବ ।

## 12.3 **ନଗଦ ଅର୍ଥ ପରିଚାଳନା ବ୍ୟବସ୍ଥା**

ବ୍ୟୟ ବରାଦ ମୁତାବକ ଅର୍ଥ ସଠିକ ଭାବରେ ଖର୍ଚ୍ଚ କରିବା ଉଦ୍ଦେଶ୍ୟରେ ଏବଂ ବର୍ଷର ଶେଷ ଭାଗରେ ହେଉଥିବା ଅତ୍ୟଧିକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ନିମନ୍ତେ 2010-11 ଆର୍ଥିକ ବର୍ଷରୁ 10 ଗୋଟି ପ୍ରମୁଖ ବିଭାଗରେ ମାସିକ ଖର୍ଚ୍ଚ ଯୋଜନା ଓ ତ୍ରୈମାସିକ ଖର୍ଚ୍ଚ ଆବଣ୍ଟନ ପଦ୍ଧତି ଜରିଆରେ ନଗଦ ଅର୍ଥ ପରିଚାଳନା ବ୍ୟବସ୍ଥା ଲାଗୁ ହୋଇଛି ।ଏହାଦ୍ୱାରା ସଂପୃକ୍ତ ବିଭାଗ ମାନଙ୍କ ବଜେଟରେ ବ୍ୟୟବରାଦ ହୋଇଥିବା ଅର୍ଥକୁ

ତ୍ରୈମାସିକ ଲକ୍ଷ୍ୟ ଅନୁସାରେ ଖର୍ଚ୍ଚ କରିବା ପାଇଁ ପରିବର୍ଦ୍ଧିତ ଆର୍ଥିକ କ୍ଷମତା ଓ କାର୍ଯ୍ୟ ସଂପାଦନରେ ସଂପୂର୍ଣ୍ଣ ନମନିୟତା ପ୍ରଦାନ କରାଯାଇଛି । ଅବଶ୍ୟ ଏଥିରେ ଚତୁର୍ଥ ତ୍ରୈମାସିକରେ 40 ପ୍ରତିଶତ ଓ ମାର୍ଚ୍ଚମାସରେ 15 ପ୍ରତିଶତ ମଧ୍ୟରେ ଖର୍ଚ୍ଚକୁ ସୀମିତ ରଖିବାକୁ ସର୍ତ୍ତ ନିର୍ଦ୍ଧାରଣ କରାଯାଇଛି । ଏହି ଯୋଜନା ଅଧିନରେ କ୍ରମାଗତ ପର୍ଯ୍ୟବେକ୍ଷଣ ଫଳରେ ଚଳିତ ବର୍ଷ ପ୍ରଥମ ତିନୋଟି ତ୍ରୈମାସିକରେ ରାଜ୍ୟ ଯୋଜନା ଖର୍ଚ୍ଚ ଗତ ବର୍ଷର ସେହି ସମୟ ମଧ୍ୟରେ ବ୍ୟୟ ହୋଇଥିବା 3461.53 କୋଟି ଟଙ୍କା ତୁଳନାରେ 5469.49 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

## 12.4 ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟୟ ବରାଦ

ଏକଥା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ଯେ, ପୁଞ୍ଜିକ୍ଷେତ୍ରରେ ଅଧିକ ବ୍ୟୟ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଅବଶ୍ୟ ରାଜ୍ୟ ଯୋଜନାର 40 ପ୍ରତିଶତ, ପୁଞ୍ଜି ଖର୍ଚ୍ଚ ନିମନ୍ତେ ବରାଦ ହୋଇଥାଏ । 2011-12 ଆର୍ଥିକ ବର୍ଷରେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବାର ପ୍ରସ୍ତାବ ରହିଛି, ଯାହାଫଳରେ ରାଜ୍ୟ ଯୋଜନାର 60 ପ୍ରତିଶତରୁ ଅଧିକ ବ୍ୟୟ ବରାଦ ପୁଞ୍ଜି ସମ୍ପତ୍ତି ସୃଷ୍ଟି ତଥା ତତ୍ ସଂକ୍ରାନ୍ତୀୟ ପୁଞ୍ଜି ଖର୍ଚ୍ଚ, ଋଣ ଓ ଅଗ୍ରୀମ, ଅନୁଦାନ ଓ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚ ଦିଗରେ ବ୍ୟୟ କରାଯିବ । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଅନୁଦାନ ଓ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚ ମାଧ୍ୟମରେ ସୃଷ୍ଟି ହେବାକୁ ଥିବା ପୁଞ୍ଜି ସମ୍ପତ୍ତି ଓ ଏହାର ରକ୍ଷଣାବେକ୍ଷଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ବିବରଣୀ ବ୍ୟାଖ୍ୟାତ୍ମକ ଜ୍ଞାପନ (Explanatory Memorandum) ରେ ପ୍ରଦାନ କରାଯାଇଅଛି । ଏ ବାବଦକୁ ଗତ ବର୍ଷର ବ୍ୟୟବରାଦ **6060.17** କୋଟି ଟଙ୍କା ତୁଳନାରେ

ଚଳିତ ବର୍ଷ ଏହାକୁ **9270.49** କୋଟି ଟଙ୍କା କୁ ବୃଦ୍ଧି କରାଯାଇଚ୍ଛି, ଯାହାକି ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନର **4.33** ପ୍ରତିଶତ ଅଟେ ।

## 12.5 **ବ୍ୟୟ ବରାଦକୁ ପରିଣାମ ସହ ସଂଯୋଗୀକରଣ**

ବଜେଟରେ ବରାଦ ହୋଇଥିବା ଅର୍ଥର ବ୍ୟୟରେ ସନ୍ତୁଷ୍ଟ ନହୋଇ ଏହାର କିପରି ସୁବିନିଯୋଗ ହୋଇପାରିବ, ତାହାଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସମାଜର ଦୁର୍ବଳ ଓ ନିଷ୍ପେସିତ ଶ୍ରେଣୀର ଲୋକମାନଙ୍କର ଆଶା ଓ ଆକାଂକ୍ଷାର ପୂରଣ ନିମନ୍ତେ ନିବେଶ ଅଭିମୁଖୀ ଖର୍ଚ୍ଚ ପରିବର୍ତ୍ତେ ଏହାର କାର୍ଯ୍ୟକାରୀତା ଓ ଫଳାଫଳ ଉପରେ ଗୁରୁତ୍ୱଦେବା ବାଞ୍ଛନୀୟ । ଏହି ପରିପ୍ରେକ୍ଷୀରେ ଚଳିତ ଆର୍ଥିକ ବର୍ଷରେ ଆମେ 5 ଗୋଟି ପ୍ରମୁଖ ବିଭାଗରେ ପରିଣାମଦର୍ଶୀ ବଜେଟ (Outcome Budget) ବ୍ୟବସ୍ଥାର ପ୍ରଚଳନ କରିଥିଲୁ, ଯେଉଁଥିରେ ବ୍ୟୟବରାଦକୁ ପରିଣାମସହ ସଂଯୋଗକରାଯାଇଛି । ଆସନ୍ତା ବର୍ଷ ବଜେଟରେ ଏହି 5ଟି ବିଭାଗ ସହିତ ଆଉ ଅଧିକ 8ଟି ବିଭାଗରେ ଏହାର ପ୍ରଚଳନ କରିଯିବାର ପ୍ରସ୍ତାବ ରହିଛି ।

## 13. **ଟିକସ ସଂସ୍କାର ସମ୍ବନ୍ଧୀୟ ପ୍ରସ୍ତାବ**

13.1 ଗତ ବଜେଟ୍ ଅଭିଭାଷଣରେ ମୁଁ ବାଣିଜ୍ୟକର ବିଭାଗର ଟିକସ ପ୍ରଶାସନରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ଇ-ସେବା ପ୍ରବର୍ତ୍ତନ ହେବାର ପ୍ରସ୍ତାବ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲି । ଆନନ୍ଦର ବିଷୟ ଯେ ଇତି ମଧ୍ୟରେ ଟିକସ ଦାତା ତଥା ନାଗରିକମାନଙ୍କ ସୁବିଧା ପାଇଁ କେତେକ ଇ-ସେବା ଯଥା ଇ-ପେମେଣ୍ଟ, ଇ-ଫାଇଲିଂ, ଇ-ରେଜିଷ୍ଟ୍ରେସନ ଓ ଇ-ଫର୍ମ ସେବା ସଫଳତାର ସହ

କାର୍ଯ୍ୟକାରୀ ହୋଇସାରିଛି ଏବଂ ଏହା ଆମ ରାଜ୍ୟର ବ୍ୟବସାୟୀ ସଂପ୍ରଦାୟଙ୍କ ମଧ୍ୟରେ ଆଦୃତ ହୋଇପାରିଛି । ମୁଁ ଏହି ପବିତ୍ର ଗୃହକୁ ପ୍ରତିଶୃତି ଦେବାକୁ ଚାହେଁ ଯେ ଆଗାମୀ ଦିନମାନଙ୍କରେ ଏହିପରି ଅନେକ ଇ-ସେବା ପ୍ରବର୍ତ୍ତନ କରାଯିବ, ଯାହା କରଦାତା ତଥା ଟିକସ ପ୍ରଶାସନ ପାଇଁ ଅନୁକୂଳ  ହେବ । ଏହା ବ୍ୟତୀତ ସୀମାନ୍ତ ତନଖି ଫାଟକ ଗୁଡିକର ଆଧୁନିକୀକରଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯାଉଅଛି । ଇଲେକ୍ଟ୍ରୋନିକ୍ କର୍ପୋରେସନ ଅଫ ଇଣ୍ଡିଆ (ECIL) ମାଧ୍ୟମରେ ଲୋହରାଚଟି ତନଖି ଫାଟକର ଆଧୁନିକୀକରଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଲକ୍ଷ୍ମଣନାଥ ତନଖି ଫାଟକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ସେହି ସଂସ୍ଥା ମାଧ୍ୟମରେ ସମ୍ପାଦିତ ହେବାକୁ ନିଷ୍ପତ୍ତି ହୋଇଛି । ଅନ୍ୟ ତନଖି ଫାଟକ ଗୁଡିକୁ ସରକାରୀ-ଘରୋଇ ଭାଗିଦାରୀ (PPP)ଡାଞ୍ଚାରେ କରାଯିବା ପାଇଁ  ଉଦ୍ୟମ ଆରମ୍ଭ  ହୋଇଛି ।

13.2 ପୂର୍ବ ପ୍ରଚଳିତ ଓଡିଶା ବିକ୍ରିକର ଆଇନ ଓ ଓଡିଶା ଅତିରିକ୍ତ ବିକ୍ରିକର ଆଇନ ଅଧିନରେ ବହୁ ସଂଖ୍ୟକ ମାମଲା ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ନ୍ୟାୟାଳୟ ଅଧିନରେ ବିଚାର ପାଇଁ ବର୍ଷ ବର୍ଷ ଧରି ପଡି ରହିଛି । ଏହା ଦ୍ଵାରା କୋଟି କୋଟି ଟଙ୍କାର ରାଜସ୍ଵ ଅନାଦାୟ ହୋଇ ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏକ "ଏକକାଳୀନ ସମାଧାନ ଯୋଜନା" (One Time Settlement Scheme) ପ୍ରଚଳନ କରିବାକୁ ନିଷ୍ପତି ନେଇଛନ୍ତି । ବିଧାନସଭାର ଚଳିତ ଅଧିବେଶନରେ ଏ ସଂକ୍ରାନ୍ତରେ ଏକ ବିଧେୟକ ଅଣାଯିବ ।

13.3 ଦେଶରେ ନିକଟ ଅତୀତରେ ଖାଦ୍ୟ ପଦାର୍ଥ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ସର୍ବକାଳୀନ ଶୀର୍ଷ 17-18%ରେ ପହଞ୍ଚିଛି , ଯାହା ସମାଜର ଆର୍ଥିକ

ଦୁର୍ବଳ ଶ୍ରେଣୀ ପାଇଁ ଅତ୍ୟନ୍ତ କଷ୍ଟପ୍ରଦ ହୋଇଛି । ଖାଉଟିମାନଙ୍କ କଷ୍ଟ ଲାଘବ କରିବା ସହିତ ଖାଦ୍ୟ ପଦାର୍ଥର ମୁଦ୍ରାସ୍ଫୀତି ଜନିତ ପ୍ରଭାବକୁ ସଂଯତ କରିବା ଲକ୍ଷ୍ୟରେ ପିଆଜ, ରସୁଣ, ଅଦା, ଆଳୁ, ଅଣ୍ଡା, ଫଳ, ମାଛ, ଗୋଖାଦ୍ୟ, କୁକୁଡା ଖାଦ୍ୟ, ଚିଙ୍ଗୁଡି ଖାଦ୍ୟ, ପ୍ୟାକିଙ୍ଗ୍ ହୋଇଥିବା ମଟର, କଦଳୀ ଏବଂ କୁକୁଡା ଉପରେ ବର୍ତ୍ତମାନ ଲାଗୁ ହୋଇଥିବା ଏକ ପ୍ରତିଶତ ପ୍ରବେଶ କରକୁ ଆସନ୍ତା ଏପ୍ରିଲ ପହିଲା ଠାରୁ ଛାଡ କରାଯିବ । ମୁଁ ନିଶ୍ଚିତ ଯେ ଏହା ଫଳରେ ରାଜ୍ୟରେ ଏହି ସବୁ ସାମଗ୍ରୀ ଗୁଡିକର ମୂଲ୍ୟ ହ୍ରାସ ପାଇବ ଏବଂ ସାଧାରଣ ଜନତା ଏହାଦ୍ୱାରା ଉପକୃତ ହେବେ ।

13.4 ରାଜ୍ୟର କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ପାଇଁ ଆବଶ୍ୟକୀୟ ସମ୍ବଳ ସଂଗ୍ରହର ଚାହିଦା ବିଷୟରେ ସରକାର ଯେତିକି ଅବଗତ, ସାଧାରଣ ଲୋକଙ୍କ ଉପରେ ଟିକସର ବୋଝ ଯେପରି ଅଧିକ ନହୁଏ ସେ ବିଷୟରେ ମଧ୍ୟ ସେତିକି ସତର୍କ । ମୂଲ୍ୟ ଯୁକ୍ତ କର ଅଧିନରେ ବର୍ତ୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକ ଉପରେ 4 ପ୍ରତିଶତ ହାରରେ ଏବଂ ଅନ୍ୟ ଖାଉଟି ଦ୍ରବ୍ୟ ଗୁଡିକ ଉପରେ 12.5 ପ୍ରତିଶତ ହାରରେ ଟିକସ ଆଦାୟ କରାଯାଉଛି । ଏହା ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କର କ୍ଷମତାପ୍ରାପ୍ତ କମିଟି ଦ୍ୱାରା ଜାତୀୟ ସହମତି ଭିତ୍ତିରେ ସ୍ଥିର ହୋଇଥିଲା । ନିକଟରେ ଏହି କମିଟିରେ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡିକ କ୍ଷେତ୍ରରେ ଲାଗୁହେଉଥିବା କରର ହାର 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଏକ ସୁପାରିଶ କରାଯାଇଛି । ଅନେକ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରି ସାରିଲେଣି । ଆମେ ବର୍ତ୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକର ଅହେତୁକ ଦର ବୃଦ୍ଧି ପରିପ୍ରେକ୍ଷୀରେ ଏପ୍ରକାର ନିଷ୍ପତ୍ତିରୁ କ୍ଷାନ୍ତ ରହିଛୁ । ଅନ୍ୟ ପକ୍ଷରେ ଆମ ପଡୋଶୀ ରାଜ୍ୟ ଗୁଡିକ ଯଥା ପଶ୍ଚିମବଙ୍ଗ, ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ଅନ୍ୟ ସାମଗ୍ରୀ ଗୁଡିକ କ୍ଷେତ୍ରରେ ଲାଗୁ ହେଉଥିବା 12.5 ପ୍ରତିଶତ ଟିକସ

ହାରକୁ ବହୁ ପୂର୍ବରୁ ବୃଦ୍ଧି କରାଯାଇଥିବା ପରିପ୍ରେକ୍ଷୀରେ ତାହାର ସମକକ୍ଷ ହାରରେ ଟିକସ ଆଦାୟ କରାଯିବାର ବିକଳ୍ପକୁ ଆପଣେଇ ନେବାକୁ ହେବ । ଏଠାରେ ମୁଁ କହିରଖିବାକୁ ଚାହେଁ ଯେ କେତେକ ରାଜ୍ୟ ଯଥା ଆସାମ, ଜାମ୍ମୁକାଶ୍ମୀର, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଏହା 13.5 ପ୍ରତିଶତ ହୋଇଥିବା ବେଳେ ଛତିଶଗଡ, ଗୁଜରାଟ ଓ ରାଜସ୍ଥାନରେ ଏହା 14 ପ୍ରତିଶତକୁ ବୃଦ୍ଧି କରାଯାଇଛି । ଆନ୍ଧ୍ରପ୍ରଦେଶରେ ଏହା 14.5 ପ୍ରତିଶତ ରହିଛି । ତେଣୁ ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ 12.5 ପରିବର୍ତ୍ତେ 13.5 ହାରରେ ମୂଲ୍ୟଯୁକ୍ତ କର ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ମୋଟରକାର, ରେଫ୍ରିଜେରେଟର, ଏୟାର କଣ୍ଡିସନର ପ୍ରଭୃତି କେତେକ ସାମଗ୍ରୀ ଉପରେ ଟିକସ ପରିମାଣ ବୃଦ୍ଧି ହେବ ସତ୍ୟ କିନ୍ତୁ ଏହା ସାଧାରଣ ଲୋକମାନଙ୍କୁ ବାଧିବ ନାହିଁ । ପରନ୍ତୁ ଏହା ରାଜ୍ୟର ରାଜସ୍ୱ ବୃଦ୍ଧିରେ ସାହାଯ୍ୟ କରିବ ।

14. ବିଗତ ବର୍ଷ ମାନଙ୍କରେ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ବହୁବିଧ ବିକାଶମୁଖୀ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ଅନେକ କ୍ଷେତ୍ରରେ ବହୁ ଅଗ୍ରଗତି ସାଧିତ ହୋଇଛି । କିନ୍ତୁ ଦେଶର ଅନ୍ୟ ଉନ୍ନତ ପ୍ରଦେଶମାନଙ୍କ ସହ ସମକକ୍ଷ ହେବା ପାଇଁ ଆମକୁ ବହୁ ପଥ ଅତିକ୍ରମ କରିବାକୁ ହେବ । ଆମର ବିପୁଳ ପ୍ରାକୃତିକ ଓ ମାନବ ସମ୍ବଳକୁ ବିନିଯୋଗ କରି ବିକାଶର ଧାରାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ଗୋଟିଏ ପକ୍ଷରେ ଆମର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ଅଧିକ ସମ୍ବଳ ସଂଗ୍ରହ କରିବା ଯେତିକି ଜରୁରୀ, ଅନ୍ୟ ପକ୍ଷରେ ସମାଜର ସବୁବର୍ଗ ତଥା ରାଜ୍ୟର ସମସ୍ତ ଅଞ୍ଚଳର ଅଧିବାସୀମାନଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରି ଅନ୍ତର୍ଭୁକ୍ତି ଅଭିବୃଦ୍ଧି (Inclusive Growth) ହାସଲ କରିବା ଆମ ପାଇଁ ତତୋଧିକ ଏକ ବିରାଟ ଆହ୍ୱାନ । ତେଣୁ

ଆସନ୍ତୁ ସଂକୀର୍ଣ୍ଣ ସ୍ୱାର୍ଥକୁ ପରିହାର କରି ଦଳମତ ନିର୍ବିଶେଷରେ ଆମେ ସମସ୍ତେ ଆଜି ଏ ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ସଂକଳ୍ପ ନେବା ଏବଂ ରାଜ୍ୟର ଭାଗ୍ୟକୁ ଆମର ସମ୍ମିଳୀତ ଉଦ୍ୟମବଳରେ ବଦଳେଇ ଦେବାକୁ ପ୍ରଚେଷ୍ଟା କରିବା ।

ମୋର ସୁଦୀର୍ଘ ଭାଷଣକୁ ଆପଣଙ୍କ ସମେତ ଏହି ପବିତ୍ର ଗୃହର ନେତା ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳର ନେତା ଏବଂ ସମସ୍ତ ସଦସ୍ୟ ସଦସ୍ୟା ଧୈର୍ଯ୍ୟର ସହିତ ଶୁଣିଥିବାରୁ ମୁଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛି ।

ପରିଶେଷରେ ଏହି ବଜେଟ୍‌କୁ ଅନୁମୋଦନ ପାଇଁ ମୁଁ ଆପଣମାନଙ୍କୁ ନିବେଦନ କରି ମୋର ଅଭିଭାଷଣ ସାଙ୍ଗ କରୁଛି ।

**॥ ଜୟ୍ ହିନ୍ଦ ।।**

**॥ ବନ୍ଦେ ଉତ୍କଳ ଜନନୀ ॥**

**ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ**